## କୋଲକାତାକୁ ୬୫ ରନ୍‌ରେ ହରାଇଲା ହାଇଦ୍ରାବାଦ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୩ • ସଂଖ୍ୟା–୬୩ • ୩ ଅପ୍ରେଲ ୨୦୨୬ ଶୁକ୍ରବାର • ଭୁବନେଶ୍ୱର • Vol -33 • Issue-63 • 3rd April 2026, Friday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ରାଜ୍ୟରେ ସବୁ ସହରାଞ୍ଚଳରେ ପିଏନ୍‌ଜି ସଂଯୋଗୀକରଣ ଉପରେ ଗୁରୁତ୍ୱ

# ସରକାରୀ ଅନୁଷ୍ଠାନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ମିଳିବ ଗ୍ୟାସ୍



**ଭୁବନେଶ୍ୱର, ୨।୪**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଏଲ୍‌ପିଜି ଓ ପେଟ୍ରୋଲିୟମ୍ ଜାତ ଦ୍ରବ୍ୟର ସୁଗମ ଯୋଗାଣ ସୁନିଶ୍ଚିତ କରିବାକୁ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗୀୟ ଅଧିକାରୀ, ବିଭିନ୍ନ ତୈଳ ଓ ଗ୍ୟାସ୍ କମ୍ପାନୀର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

ଖାଦ୍ୟଯୋଗଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ ଗ୍ୟାସ୍ କଳାବଜାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗ୍ୟାସ ଯୋଗାଣ ଅନିୟମିତତା ରୋକିବାକୁ ଗ୍ରାହକଙ୍କ ନିମନ୍ତେ ବାୟୋମେଟ୍ରିକ (ଆଙ୍ଗୁଠି ଚିହ୍ନ ଓ ଆଇରିଶ ସ୍କାନ) ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି(ପାଇପ୍‌ଡ ନେଚୁରାଲ ଗ୍ୟାସ୍) ସଂଯୋଗ ପାଇବେ, ସେମାନଙ୍କୁ ଏଲ୍‌ପିଜି ସଂଯୋଗୀକରଣରୁ ବାଦ୍ କରିବାକୁ କଡାକଡି ଭାବେ ନିର୍ଦ୍ଦେଶ ଦିଆଯାଇଛି। ପିଏନ୍‌ଜି ଗ୍ୟାସ୍ ଯୋଗାଣ ନିମନ୍ତେ ପାଇପ୍ ଲାଇନ ସଂଯୋଗ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ଏବଂ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

ଏହି ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡଃ ମହାପାତ୍ର ପିଏନଜି ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ସହରାଞ୍ଚଳରେ ଏଲ୍‌ପିଜି ଉପରେ ନିର୍ଭରଶୀଳତା କମାଇବା ପାଇଁ ସମସ୍ତ ସରକାରୀ ଓ ବ୍ୟବସାୟିକ *(ପୃଷ୍ଠା ୭ରେ)*

# ଖୁବ୍ ଶୀଘ୍ର ଆସିବ କନ୍ୟା ସୁମଙ୍ଗଳ ଯୋଜନାର ଏସଓପି

**ଭୁବନେଶ୍ୱର, ୨।୪ :ନ୍ୟୁଜ୍‌ବ୍ୟୁରୋ**

ଖୁବ୍ ଶୀଘ୍ର ଆସିବ କନ୍ୟା ସୁମଙ୍ଗଳ ଯୋଜନାର ଏସଓପି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଚଳିତ ବଜେଟରେ ଏହି ଯୋଜନା ଘୋଷଣା କରିଛନ୍ତି। ଏସଓପି ଚୂଡ଼ାନ୍ତ ହେବା ପରେ ରୂପରେଖ ସାମ୍ନାକୁ ଆସିବ। ଝିଅ ଜନ୍ମ ହେବାର ବର୍ଷକ ଭିତରେ ତା ଖାତାକୁ ସରକାର ଟଙ୍କା ପଠାଇବେ। ୨୧ ବର୍ଷ ହେବା ବେଳକୁ ଆକାଉଣ୍ଟକୁ *(ପୃଷ୍ଠା ୭ରେ)*




## ୧୬ରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ

**ନୂଆଦିଲ୍ଲୀ, ୨।୪**

ଆସନ୍ତା ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଏହି ଅଧିବେଶନ କାଳରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ଆଗତ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



**ଖରା ବଢ଼ି ବଢ଼ି ଯାଉଛି ଯେମିତି**
**ସେମିତି ଉଡ଼ଇ ହଂସା**
**ବିନା ପାଣି ଛତା ଚଷମା ଜୋତାରେ**
**ଛାଡ଼ ନାହିଁ ଜନେ ବସା**
**ସାହା ତ ପଖାଳ କଂସା**
**ବାହାରେ ଟିକେ ପାଣି ରଖିଲେ**
**ମେଣ୍ଟେ ପଶୁପକ୍ଷୀ ଆଶା।**

## ହର୍ମୁଜ ପାଇଁ ଏକାଠି ବସିଲେ ୬୦ ଦେଶ

# କୂଟନୀତି ମାଧ୍ୟମରେ ଏକ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆଲୋଚନା

**ନୂଆଦିଲ୍ଲୀ, ୨।୪**

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି କରିଛି ଇରାନ ଯୁଦ୍ଧ। ଏହି ସମୟରେ ଗୁରୁବାର ବ୍ରିଟେନର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ବିଶ୍ୱର ୬୦ରୁ ଅଧିକ ଦେଶ ଅଂଶଗ୍ରହଣ କରିଥିଲେ। ବିକ୍ରମ ମିଶ୍ରି ଏହି ବୈଠକରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ଏବଂ ଭର୍ଚ୍ଚୁଆଲ୍ ଭାବରେ ଯୋଗ ଦେଇଥିଲେ।

ବୈଠକରେ ବୈଦେଶିକ ସଚିବ ଗୁରୁତ୍ୱାରୋପ କରିଥିଲେ ଯେ, ଅନ୍ତର୍ଜାତୀୟ ଜଳପଥରେ ମୁକ୍ତ ଏବଂ ସୁରକ୍ଷିତ ନୌଚାଳନା ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ବର୍ତ୍ତମାନର ପରିସ୍ଥିତି ବିଶ୍ୱ ଶକ୍ତି ଯୋଗାଣକୁ ଗମ୍ଭୀର



ଭାବରେ ପ୍ରଭାବିତ କରୁଛି। ସେ କହିଥିଲେ ଯେ ଭାରତ ମଧ୍ୟ ଏହି ସଙ୍କଟର ପ୍ରଭାବର ସମ୍ମୁଖୀନ ହେଉଛି ଏବଂ ଏହାର ଏକମାତ୍ର ଉପାୟ ହେଉଛି କୂଟନୀତି ମାଧ୍ୟମରେ ଏକ ଶାନ୍ତିପୂର୍ଣ୍ଣ ସମାଧାନ, ଯାହା ପାଇଁ ସମସ୍ତ ପକ୍ଷଙ୍କ ମଧ୍ୟରେ ଆଲୋଚନା ଆବଶ୍ୟକ। *(ପୃଷ୍ଠା ୭ରେ)*

# ପ୍ରଥମ ଦିନରେ ସ୍ୱଜନଗଣନା କରିଛନ୍ତି ୧୭ ହଜାର

**ଭୁବନେଶ୍ୱର, ୨।୪**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଆରମ୍ଭ ହୋଇଛି ଡିଜିଟାଲ ଜନଗଣନା ପ୍ରକ୍ରିୟା। ପ୍ରଥମ ଦିନରେ ସ୍ୱଜନଗଣନା କରିଛନ୍ତି ୧୭ ହଜାର ନାଗରିକ। ସ୍ୱଜନଗଣନା ପ୍ରକ୍ରିୟାରେ ଅଧିକରୁ ଅଧିକ ସଂଖ୍ୟାରେ ନାଗରିକ ସାମିଲ ହେବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଜନ ଗଣନା ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ ନିବେଦନ କରିଛନ୍ତି।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟରେ କେମିତି ଜନଗଣନା ଚାଲିଛି ସେନେଇ ବୈଠକ ଡାକି ଆଲୋଚନା କରିଛନ୍ତି। ଜନଗଣନା ସମନ୍ୱୟ କମିଟିର ଦ୍ୱିତୀୟ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, *(ପୃଷ୍ଠା ୭ରେ)*



ସତ୍ୟମେବ ଜୟତେ

**ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ**
**ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)

15001/2/2627



**ଗୁଡ୍ ଫ୍ରାଇଡେ ଉପଲକ୍ଷେ**
**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0002

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ହୋର୍ମୁଜ ଖୋଲିବାକୁ ସାହାଯ୍ୟ କରିବ ୟୁଏଇ

ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ଆମେରିକା-ଇରାନ ଯୁଦ୍ଧରେ ସିଧାସଳଖ ସାମିଲ ହେବାକୁ ପ୍ରସ୍ତୁତି କରୁଛି । ହୋର୍ମୁଜ ପ୍ରଣାଳୀକୁ ଜବରଦସ୍ତ ଖୋଲିବାକୁ ଏହା ଆମେରିକାକୁ ସହାୟତା କରିବ ବୋଲି ଏକ ରିପୋର୍ଟରେ ଦାବି କରାଯାଇଛି । ୱାଲ ଷ୍ଟ୍ରିଟ ଜର୍ଣ୍ଣାଲର ରିପୋର୍ଟ ମୁତାବକ, ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍ଏସ୍ସି)ରେ ଏଥିଲାଗି ଏକ ପ୍ରସ୍ତାବ ଆଣିବାକୁ ୟୁଏଇ ଉଦ୍ୟମ କରୁଛି । ସେହି ପ୍ରସ୍ତାବରେ ହୋର୍ମୁଜ ପ୍ରଣାଳୀକୁ ଜବରଦସ୍ତ ଖୋଲିବା ଲାଗି ସମସ୍ତ ଉପାୟର ବ୍ୟବହାର କରିବାକୁ ଅନୁମତି ମଗାଯିବ । ସେଥିରେ ହୋର୍ମୁଜ ସୁରକ୍ଷା ଫୋର୍ସ ବନାଯିବା ନେଇ ମଧ୍ୟ ଗୁରୁତ୍ୱାରୋପ କରାଯିବ ଯାହାକି ଏହି ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗରେ ଜାହାଜଗୁଡ଼ିକୁ ସୁରକ୍ଷା ଦେବ  ଅନ୍ୟପଟେ ଆମେରିକା, ୟୁରୋପ ଏବଂ ଏସିଆକୁ ଏକ ମେଣ୍ଟ ବନାଇ ହୋର୍ମୁଜର ସୁରକ୍ଷା କରିବାକୁ ୟୁଏଇ ଆହ୍ୱାନ କରୁଛି । ଏପରିସ୍ଥଳରେ ଯଦି ୟୁଏନ୍ଏସସିରେ ପ୍ରସ୍ତାବକୁ ମଞ୍ଜୁରି ମିଳିଯିବ ତେବେ ବର୍ତ୍ତମାନ ଅରାଜି ହେଉଥିବା ଏସୀୟ ଏବଂ ୟୁରୋପୀୟ ଦେଶ ମଧ୍ୟ ହୋର୍ମୁଜ ଖୋଲିବାକୁ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି ବୋଲି ଦେଶ ଭାବୁଛି । ତେବେ ଜାତିସଂଘରେ ରୁଷ୍ ଏବଂ ଚୀନ୍ ଏହି ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ କରିପାରନ୍ତି । ଯଦି ଏହି ପ୍ରସ୍ତାବ ଜାତିସଂଘରେ ପାସ୍ ନ ହୁଏ ତଥାପି ବି ୟୁଏଇ ଇରାନ ବିରୋଧରେ ଆମେରିକାର ସାମରିକ ଅଭିଯାନକୁ ସମର୍ଥନ ଦେବାକୁ ପ୍ରସ୍ତୁତ ଅଛି । ଏହା ଆମେରିକାକୁ ଅବୁ ମୁସା ଦ୍ୱୀପ କବଜା କରିବାକୁ ପରାମର୍ଶ ବି ଦେଇଛି । ସେହି ଦ୍ୱୀପ ଦୀର୍ଘ ୫ ଦଶନ୍ଧି ହେଲା ଇରାନର ଦଖଲରେ ଥିବାବେଳେ ୟୁଏଇ ତାକୁ ନିଜର ବୋଲି ଦର୍ଶାଇ ଆସୁଛି । ସୂଚନା ଥାଉକି, ହୋର୍ମୁଜ ପ୍ରଣାଳୀ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ । ଏହି ଜଳମାର୍ଗ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତେଲ ପରିବହନ ହୋଇଥାଏ । ଇରାନ ଏହାକୁ ବନ୍ଦ କରି ରଖିବା ଯୋଗୁ ବୈଶ୍ୱିକ ଅର୍ଥବ୍ୟବସ୍ଥା ପ୍ରଭାବିତ ହେଉଛି । ୟୁଏଇ ବି ଏଥିଯୋଗୁ ଗୁରୁତର କ୍ଷତିଗ୍ରସ୍ତ ହେଉଛି । କେବଳ ସେତିକି ନୁହେଁ, ଆମେରିକା ଇସ୍ରାଏଲର ଆକ୍ରମଣ ପରେ ଜବାବୀ ଆକ୍ରମଣ ସ୍ୱରୂପ ଇରାନ ୟୁଏଇରେ ମିସାଇଲ ଏବଂ ଡ୍ରୋନ୍ ଆକ୍ରମଣକୁ ଜୋରଦାର କରିଛି । ଅଦ୍ୟାବଧି ଦେଶ ଉପରେ ୨୫୦୦ରୁ ଅଧିକ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରାଯାଇଛି । ସେଥିଯୋଗୁ ବିମାନବନ୍ଦର, ଆବାସିକ କୋଠା ଏବଂ ତୈଳ ସୁବିଧା କ୍ଷତିଗ୍ରସ୍ତ ହୋଇଛି । ଏହି କାରଣରୁ କ୍ଷୁବ୍ଧ ହୋଇ ୟୁଏଇ ଇରାନ ଯୁଦ୍ଧରେ ସାମିଲ ହେବାକୁ ବିଚାର କରୁଛି ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୬୨)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ବିଶର ମହାନ୍ତିଙ୍କ କଥା ଗୋପୀନାଥ ନରେନ୍ଦ୍ର ଯେତେବେଳେ ସୁଭଦ୍ରାଙ୍କ ବ୍ରହ୍ମଣୀଙ୍କୁ ସାଥୀରେ ଧରି ବୋଇତ ଆରୋହଣ ବେଳେ ବାରମ୍ବାର କହିଛନ୍ତି, ହେ ରାଜନ, ଯେଉଁଠାରେ ତୁମ୍ଭେ ଏକ ଅଲୌକିକ ଦୃଶ୍ୟ ଦେଖିବ ସେହିଠାରେ ହିଁ ସୁଭଦ୍ରାଙ୍କ ମନ୍ଦିର ନିର୍ମାଣ କରିବା କୌଣସି ପରିସ୍ଥିତିରେ ମଧ୍ୟ ଏ ନିର୍ଦ୍ଦେଶକୁ ଭୁଲିବ ନାହିଁ । ବୋଇତରେ ଆରୋହଣ କରି ଆସିବା ପର୍ଯ୍ୟନ୍ତ ସେହି ଗୋଟିଏ କଥା ବାରମ୍ବାର ସୂଚାଇ ମୋତେ ସାବଧାନ କରାଇ ଦେଇଛନ୍ତି। ତେବେ ଏପରି ଅଲୌକିକ ଦୃଶ୍ୟ ଦେଖିବେ କେତେବେଳେ । ଗୋପୀନାଥ ନରେନ୍ଦ୍ରଙ୍କ ମନର ଅଭିଳାଷ ହେଉଛି ଆଉ ମୁହୂର୍ତ୍ତଟିଏ ବିଳମ୍ବ ନକରି ମନ୍ଦିର ନିର୍ମାଣ କରିବେ,ଏକ ସମୟରେ ଅର୍ଥାତ ଯେଉଁଦିନ ମହାପ୍ରଭୁ ଜଗନ୍ନାଥ ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ଆରୋହଣ କରିବେ । ଠିକ୍ ସେହିଦିନହିଁ ମା ସୁଭଦ୍ରାଙ୍କୁ କୁଜଙ୍ଗଗଡ ମଧ୍ୟସ୍ଥ ନବନିର୍ମିତ ମନ୍ଦିର ମଧ୍ୟରେ ପ୍ରବେଶ କରାଇବେ । ଏହି ମନର କଥା ମା ସୁଭଦ୍ରାଙ୍କ ନିକଟରେ ପ୍ରକାଶ କରି ଚିନ୍ତିତ ମନରେ ଫେରି ଆସୁଛନ୍ତି ରାଜା ଗୋପୀନାଥ ନରେନ୍ଦ୍ର । ରାଜନଅରକୁ  ଲାଗି ରହିଥିବା କୁଞ୍ଜବନ ପରିବେଷ୍ଟିତ ଏକ ବିଶାଳ ବଗିଚାର ସୁଷମାକୁ ଉପଭୋଗ କରୁଥିବା ସମୟରେ ଉଦ୍ୟାନରେ ଲକ୍ଷ୍ୟ କରୁଛନ୍ତି ଏକ ବିଚିତ୍ର ଦୃଶ୍ୟକୁ। ଗୋଟାଏ ପୁଷ୍ପବୃକ୍ଷ ନିକଟରେ ଗୋଟାଏ ବରିହା ଅର୍ଥାତ୍ ଗୋଟାଏ ବିଶାଳ କାୟ ଛଞ୍ଚାଣକୁ ଗୋଟାଏ ବଗ ଖୁମ୍ପିବାରେ ଲାଗିଛି । ଛଞ୍ଚାଣଟି ନୀରବ ଭାବରେ ବସିଛି, ଛଞ୍ଚାଣର କୌଣସି ପ୍ରତିକ୍ରିୟା ବି ନାହିଁ । ଯିଏ ଛଞ୍ଚାଣର ସବୁଠାରୁ ପ୍ରିୟ ଖାଦ୍ୟ,ସେହି ବଗ ପକ୍ଷୀଟି ପୁଣି ଛଞ୍ଚାଣର ପିଠି ଉପରେ ବସି ଖୁମ୍ପିବାରେ ଲାଗିଛି କେମିତି ?ଯେଉଁ ବିଶାଳକାୟ ପକ୍ଷୀ ଯଦି ଚାହିଁବ ଗୋଟାଏ ମଣିଷକୁ ମଧ୍ୟ ଅକ୍ଳେଶରେ ଉଠାଇ ନେଇପାରିବ, ସେ ଛଞ୍ଚାଣ ଉପରେ ଗୋଟାଏ ବଗପକ୍ଷୀ ବସି



ଖୁମ୍ପିବ, ଏ ଘଟଣାକୁ ଯଦି କେହି ଆଖିରେ ନ ଦେଖିବ, ସେ କେବେହେଲେ  ଏ କଥାକୁ ବିଶ୍ୱାସ କରିବ ନାହିଁ । ଏହି ଅଲୌକିକ ଦୃଶ୍ୟକୁ ଦେଖିସାରିବା ପରେ ରାଜା ଗୋପୀନାଥ ନରେନ୍ଦ୍ର ଠିକ୍ ସେହି ଜାଗାରେ ସୁଭଦ୍ରାଙ୍କ ସ୍ଥାୟୀ ମନ୍ଦିର ନିର୍ମାଣ କଲେ । ଉତ୍କଳ ଭୂଖଣ୍ଡର ବହୁ ଦୂରାନ୍ତରୁ ପ୍ରସିଦ୍ଧ ସ୍ଥପତିମାନଙ୍କର ଆଗମନ, ପ୍ରଚେଷ୍ଟା, ଅକ୍ଳାନ୍ତ ଉଦ୍ୟମରେ କୁଜଙ୍ଗଗଡରେ ନିର୍ମାଣ କରାଗଲା ପ୍ରସିଦ୍ଧ ସୁଭଦ୍ରା ମନ୍ଦିର । କୁଞ୍ଜବନରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହୋଇଥିବାରୁ ଏଠାରେ ଜଗନ୍ନାଥଙ୍କ ନାମ କୁଞ୍ଜବିହାରୀ ରଖାଯିବ ବୋଲି ସ୍ଥିର କରାଗଲା । ଏହି ସୁସମ୍ବାଦଟି ରାଜା ଗୋପୀନାଥ ନରେନ୍ଦ୍ର ଗୋଟିଏ ବିଶ୍ୱସ୍ଥ ଦୂତ ହାତରେ ମହାରାଜା ରାମଚନ୍ଦ୍ରଦେବଙ୍କ ନିକଟକୁ ପଠାଇଲେ । ରାଜଦୂତ ହାତରେ ରାଜା ଗୋପୀନାଥ ନରେନ୍ଦ୍ର ଏପରି ବାର୍ତ୍ତା ଦେଇ କହିଥିଲେ ଯେ, ହେ ମଣିମା, ଆପଣ ଜାଣିବେ, ମୋର ଏ ମନ୍ଦିର ନିର୍ମାଣ ସମାପ୍ତ କରି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମାତା ସୁଭଦ୍ରାଙ୍କର ଦାରୁମୂର୍ତ୍ତିମାନଙ୍କୁ ଗଠନ କରିସାରିଛି । ଆପଣ ଯେଉଁଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଶ୍ରୀମନ୍ଦିର ମଧ୍ୟସ୍ଥ ରତ୍ନସିଂହାସନରେ ବିଜେ କରାଇବେ, ଠିକ୍ ସେହିଦିନ, ସେହି ମାଙ୍ଗଳିକ ଲଗ୍ନରେ ଆମ୍ଭର କୁଜଙ୍ଗ ପ୍ରଜାମାନେ ମା'ସୁଭଦ୍ରା, ପ୍ରଭୁ ବଳଭଦ୍ର, ଶ୍ରୀଜଗନ୍ନାଥଙ୍କୁ ଆମ ନୂତନ ମନ୍ଦିର ମଧ୍ୟରେ ପ୍ରବେଶ କରାଇବୁ । ଆପଣ ଆମ୍ଭମାନଙ୍କୁ ଠିକ୍ ପନ୍ଦରଦିନ ପୂର୍ବରୁ ଏ ସମ୍ପର୍କରେ ବିଶେଷ ସୂଚନା ପ୍ରଦାନ କରିବା ସହିତ ରାଜଗୁରୁ ମହୋଦୟଙ୍କୁ କୁଜଙ୍ଗଗଡକୁ ପଠାଇ ପ୍ରତିଷ୍ଠା ଉତ୍ସବକୁ ବୈଦିକ ମତରେ ସଂପାଦନ କରିବା ନିମନ୍ତେ ସୁପରାମର୍ଶ ଦେବେ । ଏହିଠାରେ ଆପଣଙ୍କୁ କୁଜଙ୍ଗ ରାଜ୍ୟ ତରଫରୁ ସହସ୍ର ପ୍ରଣାମ ଜଣାଇ ଆପଣଙ୍କର ସଦୟ ଅନୁମତି ଅପେକ୍ଷାରେ ରହିଲୁ । ଇତି ଆପଣଙ୍କର ଗୋପୀନାଥ ନରେନ୍ଦ୍ର, କୁଜଙ୍ଗଗଡ । ଏହିପରି ଏକ ଚିଟାଉ ଲେଖି ଗୋପୀନାଥ ନରେନ୍ଦ୍ର ମହାରାଜା ରାମଚନ୍ଦ୍ରଦେବଙ୍କ ନିକଟକୁ ଗୋଟିଏ ବିଶ୍ୱସ୍ତ ଦୂତକୁ ପଠାଇଲେ । ଅଗଣିତ ସ୍ଥପତି, ଅଗଣିତ ମଣିଷଙ୍କ ଲୁହ ଲହୁରେ ବିଶ୍ୱପ୍ରସିଦ୍ଧ କାରୁକାର୍ଯ୍ୟ ବିମଣ୍ଡିତ ଏହି ସୁଭଦ୍ରାମନ୍ଦିର ଅଗ୍ରଭାଗର ଅପୂର୍ବ ଶୋଭା ଦୃଶ୍ୟମାନ ହେଉଥିଲା, କାହିଁ କେତେଦୂର ପର୍ଯ୍ୟନ୍ତ ତାହାର ସୀମାନାହିଁ । ପ୍ରତୀକ୍ଷା କରିଥିଲା ମାଙ୍ଗଳିକ ଲଗ୍ନର ଶୁଭ ମୁହୂର୍ତ୍ତକୁ । କିଛିଦିନର ପ୍ରତୀକ୍ଷାପରେ କୁଜଙ୍ଗଗଡର ରାଜା ପଠାଇଥିବା ଦୂତଙ୍କ ହାତରେ ମନ୍ଦିର ପ୍ରତିଷ୍ଠା ସହିତ ସୁଭଦ୍ରାଙ୍କ ମନ୍ଦିର ପ୍ରବେଶର ମାଙ୍ଗଳିକ ଲଗ୍ନର ଗୋଟିଏ ବିସ୍ତୃତ ତାଲିକା ଉଲ୍ଲେଖ କରି ପଠାଇଲେ । ସେହି ତାଲିକା ସହିତ ଶ୍ରୀମନ୍ଦିରର କିଛି ସେବାୟତଙ୍କୁ ପଠାଇଲେ । ଯେଉଁମାନେ କୁଜଙ୍ଗଗଡର ମନ୍ଦିର ମଧ୍ୟରେ ସମସ୍ତ ମୂର୍ତ୍ତିମାନଙ୍କୁ ପ୍ରତିଷ୍ଠା କରାଇ ପୁରୀ ପ୍ରତ୍ୟାବର୍ତ୍ତନ କରିବେ ।

ବହୁ ଆଶା, ଭରସା, ବିପୁଳ ଉନ୍ମାଦନାକୁ ସାଥିରେ ଧରି ଅପୂର୍ବ ମାଙ୍ଗଳିକ ଲଗ୍ନ ଉପସ୍ଥିତ ହେଲା ପୃଥିବୀ ପୃଷ୍ଠରେ । ରାମଚନ୍ଦ୍ର ଦେବଙ୍କ ୧୧ଅଙ୍କ୧୮ଦିନ  ଶ୍ରାବଣ ଶୁକ୍ଳ ନବମୀତିଥି । ଉତ୍କଳ ଭୂଖଣ୍ଡର ଦୁଇଟି ବିଶ୍ୱପ୍ରସିଦ୍ଧ କ୍ଷେତ୍ର ପୁରୀ ଶ୍ରୀମନ୍ଦିର ଓ ଗଡକୁଜଙ୍ଗ ସୁଭଦ୍ରାଙ୍କ କ୍ଷେତ୍ରରେ ଅନୁଷ୍ଠିତ ହେଉଥାଏ ଦେବ ଦୁର୍ଲ୍ଲଭ ପ୍ରତିଷ୍ଠା ସମାରୋହ । ମହାଆନନ୍ଦ ଉଲ୍ଲାସର ସହିତ ଆର୍ଯ୍ୟବର୍ତ୍ତର ଅଗଣିତ ସାଧୁସନ୍ଥ ମୁନି ଋଷିମାନଙ୍କ ବିଶାଳ ସମାରୋହ ମଧ୍ୟରେ ଅନୁଷ୍ଠିତ ହେଉଥାଏ ବିଶ୍ୱପ୍ରସିଦ୍ଧ ମହାଯଜ୍ଞ । ଅଠରନଳାଠାରୁ ଆରମ୍ଭ କରି ପୁଣ୍ୟ ମହୋଦଧି ପର୍ଯ୍ୟନ୍ତ ଅସୁମାରୀ ଭକ୍ତଙ୍କ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଛି ଚତୁର୍ଦ୍ଦିଗ। ମହୋଦଧିର ପ୍ରଶାନ୍ତ ବକ୍ଷରୁ ଶରଧାବାଲି ଉପରକୁ ବହି ଆସୁଛି ଶାନ୍ତ, ଶୀତଳ ମନ୍ଦ ମନ୍ଦ ସମୀରଣ ସହିତ ମହାବାହୁଙ୍କର ଅତୀତ, ବର୍ତ୍ତମାନ, ଭବିଷ୍ୟତର ଅନନ୍ତ ବିସ୍ତୃତି ।

# ସଞ୍ଚୟ ଏବଂ ଖର୍ଚ୍ଚର ସନ୍ତୁଳନ ଜରୁରୀ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

କରୋନା ମହାମାରୀ ପରଠାରୁ ସାରା ଦୁନିଆ କେବଳ ସ୍ୱାସ୍ଥ୍ୟ ସ୍ତରରେ ନୁହେଁ ବରଂ ଆର୍ଥୀକ ସ୍ତରରେ ଏବଂ ବ୍ୟବହାରରେ ମଧ୍ୟ ସଂକ୍ରମଣର ଶୀକାର ହୋଇଛି । ବୈଶ୍ୱିକ ଆପୂର୍ତ୍ତୀ ଶୃଙ୍ଖଳାର ଅସ୍ଥିରତା, ଭୂରାଜନୈତିକ ଚାପ, ଦରଦାମ ବୃଦ୍ଧି, ଟେକନିକ ଆଧାରିତ ବଜାର ଏବଂ ଉପଭୋକ୍ତାବାଦ ସଂସ୍କୃତିର ତୀବ୍ର ପ୍ରସାର ଲୋକଙ୍କ ଖର୍ଚ୍ଚ ବା ବ୍ୟୟ କରିବାର ପ୍ରବୃତ୍ତିକୁ ବଢାଇ ଦେଇଛି । ଏହି ପରିବର୍ତ୍ତନର ସବୁଠାରୁ ଗଭୀର ପ୍ରଭାବ ସଞ୍ଚୟ ଉପରେ ପଡ଼ିଛି । ଭାରତ ସମେତ ଅନେକ ଦେଶରେ ଘରୋଇ ସଞ୍ଚୟ (ସାଧାରଣ ଲୋକଙ୍କ ସଞ୍ଚୟ ପ୍ରବୃତ୍ତି) ଐତିହାସିକ ରୂପେ ତଳ ସ୍ତରକୁ ଖସି ଆସିଛି । ଉପଭୋଗ ବଢୁଛି କିନ୍ତୁ ଭବିଷ୍ୟତର ସୁରକ୍ଷା ପାଇଁ ଆବଶ୍ୟକ ସଞ୍ଚୟର ହାର ନିରନ୍ତର କମିବାରେ ଲାଗିଛି । ଏଭଳି ସ୍ଥିତି କେବଳ ଆର୍ଥିକ ନୁହେଁ ବରଂ ସାମାଜିକ ଏବଂ ସାଂସ୍କୃତିକ ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ ପାଲଟିଛି । ଭାରତ ଭଳି ଦୃତ ବିକାଶଶୀଳ ଅର୍ଥବ୍ୟବସ୍ଥା ପାଇଁ ଘରୋଇ ସଞ୍ଚୟ ସବୁବେଳେ ବିକାଶର ମୂଳଦୁଆ ଭାବେ ରହିଆସିଛି । ବୁନିଆଦି ଢାଞ୍ଚାଠାରୁ ଆରମ୍ଭ କରି ଔଦ୍ୟୋଗିକ ନିବେଶ ପର୍ଯ୍ୟନ୍ତ ଭାରତର ବିକାଶ ଗାଥାରେ ଘରୋଇ ସଞ୍ଚୟର ଭୂମିକା ନିର୍ଣ୍ଣାୟକ ରହିଆସିଛି । ପରନ୍ତୁ ଏବେ ସ୍ଥିତି ପରିବର୍ତ୍ତନ ହେବାରେ ଲାଗିଛି । ଯୁବବର୍ଗଙ୍କ ସଞ୍ଚୟ କରିବାର ପ୍ରବୃତ୍ତି କମିବାରେ ଲାଗିଛି । ଯୁବବର୍ଗଙ୍କ ସଞ୍ଚୟର ହାର ୧୦ ରୁ ୧୫ ପ୍ରତିଶତରେ ପହଞ୍ଚିଛି । ଅର୍ଥାତ୍ ଯୁବବର୍ଗଙ୍କ ମଧ୍ୟରେ ସଞ୍ଚୟକୁ ନେଇ ମାନସିକତା କମିଛି । ଏହା କୌଣସି ବି ବିକାଶଶୀଳ ଅର୍ଥବ୍ୟବସ୍ଥା ପାଇଁ ସନ୍ତୋଷ ଜନକ ବୋଲି କୁହାଯାଇ ପାରିବ ନାହିଁ । ଭାରତ ବିଶ୍ୱର ୩ୟ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବା ଦିଗରେ ଅଗ୍ରସର ହେଉଛି । ଏଭଳି ସମୟରେ  ସଞ୍ଚୟ ଏବଂ ଖର୍ଚ୍ଚ ମଧ୍ୟରେ ଅସନ୍ତୁଳନ ଏକ ଗମ୍ଭୀର ଚେତାବନୀ ଭାବେ ସାମନାକୁ ଆସୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଯୁବ ବର୍ଗଙ୍କ ଭୂମିକାକୁ ସବୁବେଳେ ନିର୍ଣ୍ଣାୟକ ବୋଲି କହୁଛନ୍ତି । ସଞ୍ଚୟ କେବଳ ବ୍ୟକ୍ତିଗତ ସୁରକ୍ଷା ନୁହେଁ ବରଂ ରାଷ୍ଟ୍ର ନିର୍ମାଣର ମୂଳଦୁଆ ଅଟେ । ସଞ୍ଚୟ କରିବାର ପ୍ରବୃତ୍ତି ଓ ସଂସ୍କୃତି ଯୁବବର୍ଗଙ୍କ ମଧ୍ୟରେ ଆତ୍ମନିର୍ଭରତା, ଅନୁଶାସନ ଏବଂ ଦୀର୍ଘକାଳୀନ ବିଚାରଧାରାର ବିକାଶ କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନ-ଧନ ଯୋଜନା, ସୁକନ୍ୟା-ସମୃଦ୍ଧି ଯୋଜନା, ଅଟଳ ପେନସନ ଯୋଜନା, ଡିଜିଟାଲ ସଞ୍ଚୟ ଏବଂ ନିବେଶ ଭଳି ଯୋଜନାକୁ ପ୍ରୋତ୍ସାହିତ କରି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ଯେ ନିୟମିତ ଛୋଟ ଛୋଟ ନିବେଶ ଭବିଷ୍ୟତର ବୃହତ୍ ଆର୍ଥିକ ଶକ୍ତି ହୋଇପାରିବ । ଲୋକେ ଯଦି ଅନାବଶ୍ୟକ ଖର୍ଚ୍ଚ ନକରି ସେହି ଅର୍ଥକୁ ସଞ୍ଚୟ କରିବେ ତେବେ ଭାରତର ଅର୍ଥବ୍ୟବସ୍ଥା ସ୍ଥିର, ସମାବେଶୀ ଏବଂ ବିଶ୍ୱସ୍ତରରେ ପ୍ରତିସ୍ପର୍ଦ୍ଧି ହୋଇପାରିବ କାରଣ ଆତ୍ମନିର୍ଭର ଜନତା/ ଯୁବବର୍ଗ ହିଁ ଶସକ୍ତ ଭାରତର ସବୁଠାରୁ ବଡ଼ ପୁଞ୍ଜି । ଭାରତୀୟ ପରମ୍ପରାରେ ସଞ୍ଚୟକୁ କେବଳ ଆର୍ଥିକ କ୍ରିୟା ନୁହେଁ ବରଂ ଏକ ସଦ୍‌ଗୁଣ ବୋଲି କୁହାଯାଏ । ଆଜିର ସଞ୍ଚୟ, ଆଗାମୀ କାଲିର ସମ୍ବଳ ବୋଲି ମଧ୍ୟ କୁହାଯାଏ । ଗୃହସ୍ଥ ଜୀବନରେ ସନ୍ତୁଳନ, ସଂଯମ ଓ ସଞ୍ଚୟକୁ ଜୀବନ ମୂଲ୍ୟ ରୂପେ ସ୍ୱୀକାର କରାଯାଇଛି । ପିଲାଙ୍କ କୁମ୍ଭି ବା ସରାଗାତ, ଧାନର ଓଳିଆ, ଗହଣା ରୂପରେ ସୁରକ୍ଷିତ ଧନ ଏବଂ ପର୍ବପର୍ବାଣୀରେ ସୀମିତ ଖର୍ଚ୍ଚ ଭାରତୀୟ ଜୀବନଶୈଳୀର ଅଂଗ ଥିଲା । ସଙ୍କଟ ସମୟରେ ଭାରତୀୟ ପରିବାର କାହା ଆଗରେ ହାତ ପତାଇବା ପରିବର୍ତ୍ତେ ନିଜର ଜମା ପୁଞ୍ଜି ଏବଂ ସଂସାଧନ ଉପରେ ଭରସା କରୁଥିଲେ । ଏହି ଆତ୍ମନିର୍ଭରତା ଭାରତୀୟ ସମାଜର ଶକ୍ତି ଥିଲା । କିନ୍ତୁ ପରିବର୍ତ୍ତିତ ଜୀବନ ଶୈଳୀ ଏବଂ ବଜାର ସଂସ୍କୃତି ଏହି ପରମ୍ପରାକୁ ଦୁର୍ବଳ କରିଦେଇଛି । ଏବେ ଆସନ୍ତା କାଲି ବିଷୟରେ ନଭାବି ଆଜି ପାଇଁ ଭାବିବାର ମାନସିକତା, ସହଜଋଣ, ଇଏମ୍ଆଇ ସଂସ୍କୃତି, କ୍ରେଡିଟକାର୍ଡ, ଅନଲାଇନ୍ ସପିଙ୍ଗ (କ୍ରୟ) ଏବଂ ସାମାଜିକ ଗଣ ମାଧ୍ୟମରେ ଦେଖେଇ ହେବାର ମାନସିକତା ଖର୍ଚ୍ଚକୁ ଏକ ପ୍ରକାର ପରିଚୟରେ ପରିଣତ କରିଦେଇଛି । ଉପଭୋଗ ଏବେ ଆବଶ୍ୟକତା ଠାରୁ ଅଧିକ ଆକାଂକ୍ଷାରେ ସଞ୍ଚାଳିତ ହେବାରେ ଲାଗିଛି । ଏବେ ସଞ୍ଚୟ ଯେମିତି ଏକ ଅସ୍ପଷ୍ଟ ଚିନ୍ତା ଭଳି ଲୋକଙ୍କୁ ଲାଗିଲାଣି ଏହି ସ୍ଥିତି ଭାରତୀୟ ଦର୍ଶନର ମୂଳ ଭାବନାର ବିପରୀତ ଅଟେ । ଭାରତୀୟ ବିଚାର ପରମ୍ପରା ଅତି ଭୋଗବାଦର ପକ୍ଷଧର ନୁହେଁ କିମ୍ବା ଅତି ତ୍ୟାଗର ପକ୍ଷଧର ନୁହେଁ । ସମ, ସନ୍ତୁଳନ ଏବଂ ବିବେକର ମାର୍ଗକୁ ଶ୍ରେଷ୍ଠ ବୋଲି କୁହାଯାଏ । ଏହି ସିଦ୍ଧାନ୍ତ ଆର୍ଥିକ ଜୀବନରେ ମଧ୍ୟ ଲାଗୁ । ଉପଭୋଗର ଆବଶ୍ୟକତା ରହିଛି କାରଣ ଏହାଦ୍ୱାରା ଅର୍ଥବ୍ୟବସ୍ଥା ଗତିଶୀଳ ହୋଇଥାଏ, ରୋଜଗାର ସୃଜନ ହୁଏ ଏବଂ ନବାଚାରକୁ ପ୍ରୋତ୍ସାହନ ମିଳିଥାଏ । କିନ୍ତୁ ଯେତେବେଳେ ଖର୍ଚ୍ଚ ଅନିୟନ୍ତ୍ରିତ ହୋଇଯାଏ ଏବଂ ସଞ୍ଚୟ ଉପେକ୍ଷିତ ହୁଏ ସେତେବେଳେ କେବଳ ବ୍ୟକ୍ତି ନୁହେଁ ସମାଜ ଏବଂ ରାଷ୍ଟ୍ର ଅସୁରକ୍ଷିତ ହୋଇଯାଏ । ଭାରତୀୟ ଆର୍ଥିକ ବିଚାରଧାରାରେ ସଞ୍ଚୟକୁ ଆର୍ଥିକ ସୁରକ୍ଷା ଏବଂ ବିକାଶର ଆଧାର ଭାବେ ଗ୍ରହଣ କରାଯାଇଥାଏ ଯେଉଁଠି ଘର-ପରିବାରର ଆୟର ଅଧିକ ଭାଗ ଘରୋଇ ସଞ୍ଚୟ ଯଥା ସୁନା, ସ୍ଥାୟୀ ଜମା ଭଳି ଯୋଜନାରେ କରାଯାଇଥାଏ । କିନ୍ତୁ ନୂଆ ପିଢ଼ି ଏକଥାକୁ ଗ୍ରହଣ କରିବାକୁ ନାରାଜ । ଏଣୁ ସଞ୍ଚୟର ହାର କମିବାରେ ଲାଗିଛି । ଆଜିର ବୈଶ୍ୱିକ ପରିସ୍ଥିତି ଏହି ଅସୁରକ୍ଷାକୁ ଅଧିକ ଗଭୀର କରିଛି । ଭୂରାଜନୈତିକ ଅବ୍ୟବସ୍ଥା, ଯୁଦ୍ଧ, ଜଳବାୟୁ ସଙ୍କଟ, ଟେକନିକ ପରିବର୍ତ୍ତନ ଏବଂ ରୋଜଗାରର ଅନିଶ୍ଚିତତାରୁ ସ୍ପଷ୍ଟ ଯେ ଭବିଷ୍ୟତ ପୂର୍ବାପେକ୍ଷା ଅଧିକ ଅସ୍ଥିର ହେବାକୁ ଯାଉଛି । ଏଭଳି ସ୍ଥିତିରେ ସଞ୍ଚୟ ଏବଂ ନିବେଶ ଉଭୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଯଦି ଭାରତୀୟ ସମାଜ ନିଜର ସଞ୍ଚୟ ସଂସ୍କୃତିରୁ ଦୁରେଇଯିବ ତେବେ ଆର୍ଥିକ ଆତ୍ମନିର୍ଭରତା ଦୁର୍ବଳ ହୋଇଯିବ । ଫଳତଃ ଦେଶ ବିଦେଶୀ ପୁଞ୍ଜି ଉପରେ ଅଧିକ ନିର୍ଭର କରିବ ଏବଂ ଘରୋଇ ସଂସାଧନର ଭୂମିକା ସୀମିତ ହୋଇଯିବ । ସଞ୍ଚୟ ହାର କମିବାର ସିଧା ପ୍ରଭାବ ପରିବାର ଏବଂ ସାମାଜିକ ସୁରକ୍ଷା ଉପରେ ପଡିଥାଏ । ଏ ଦିଗରେ ପରିବାରର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାଙ୍କୁ ବିବେକପୂର୍ଣ୍ଣ ଖର୍ଚ୍ଚ ଏବଂ ସଞ୍ଚୟ କରିବା ପାଇଁ ପିଲାଦିନରୁ ଶିକ୍ଷା ଦେବା ଆବଶ୍ୟକ । ମାତା- ପିତା ଯଦି ସନ୍ତୁଳିତ ବ୍ୟବହାର କରିଥାନ୍ତି ତେବେ ତାର ପ୍ରଭାବ ପିଲାଙ୍କ ଉପରେ ପଡିଥାଏ । ଏକଥା ଚିନ୍ତା କରିବା ଉଚିତ୍ ଯେ ଭବିଷ୍ୟତ ଚିନ୍ତା କରିବା ଭୟ ନୁହେଁ ବରଂ ବୁଦ୍ଧିମତା । ସଞ୍ଚୟର ଅର୍ଥ ନୁହେଁ ଯେ ଜୀବନର ସବୁ ଆନନ୍ଦକୁ ତ୍ୟାଗ କରିବା ବରଂ  ଏହାର ଅର୍ଥ ହେଉଛି ଭବିଷ୍ୟତର ଆନନ୍ଦକୁ ସୁରକ୍ଷିତ କରିବା । ସନ୍ତୁଳିତ ଖର୍ଚ୍ଚ ଏବଂ ନିୟମିତ ସଞ୍ଚୟ ହିଁ ଏକ ସୁରକ୍ଷିତ, ଆତ୍ମନିର୍ଭର ଏବଂ ସ୍ଥିର ସମାଜ ନିର୍ମାଣ କରିପାରେ । ଭାରତ ଯଦି ଆର୍ଥିକ ମହାଶକ୍ତି ହେବାର-ସ୍ୱପ୍ନ ଦେଖୁଛି ତେବେ କେବଳ ଉପଭୋଗ ଆଧାରିତ ବିକାଶର ଊର୍ଦ୍ଧ୍ୱରେ ରହି ସଞ୍ଚୟ-ସମ୍ବର୍ଦ୍ଧିତ ମଡ଼େଲକୁ ଆପଣେଇବାକୁ ପଡିବ । ସଞ୍ଚୟ ଏବଂ ଖର୍ଚ୍ଚ ମଧ୍ୟରେ ସନ୍ତୁଳନ କେବଳ ବ୍ୟକ୍ତିଗତ ଆବଶ୍ୟକତା ନୁହେଁ ବରଂ ରାଷ୍ଟ୍ରୀୟ ଆବଶ୍ୟକତା । ତତ୍କାଳୀନ ଉପଭୋଗର ଆକର୍ଷଣର ଊର୍ଦ୍ଧ୍ୱକୁଯାଇ ଦୀର୍ଘକାଳୀନ ସ୍ଥିରତାକୁ ପ୍ରାଥମିକତା ଦିଆଯିବାର ଆବଶ୍ୟକତା ରହିଛି । ଏହା ହୋଇପାରିଲେ ଭାରତର ଆର୍ଥିକ ଉତ୍ଥାନ ଦୀର୍ଘସ୍ଥାୟୀ, ସମାବେଶୀ ଏବଂ ସୁରକ୍ଷିତ ହୋଇପାରିବ ।

# ଜଳ ଗ୍ରହରେ ଜଳ ସଙ୍କଟ



ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର
ଫୋନ୍ : ୮୯୧୭୬୩୭୯୭୪

ପ୍ରତି ବର୍ଷ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ରୂପେ ପାଳନ କରାଯାଏ । ଏ ବର୍ଷ ବିଶ୍ୱ ଜଳଦିବସ ଅଭିଯାନର ଶୀର୍ଷକ ହେଉଛି 'ଜଳ ଏବଂ ଲୈଙ୍ଗିକ ସମାନତା: ଯେଉଁଠାରେ ଜଳପ୍ରବାହିତ ହୁଏ, ସେଠାରେ ସମାନତା ବୃଦ୍ଧିପାଏ' । ଏହା ଜଳ ପରିଚାଳନାରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କର ସମାନ ପ୍ରତିନିଧିତ୍ୱ ଏବଂ ଜଳପାଇଁ ସେମାନଙ୍କର ସୁରକ୍ଷିତ ଭାଗିଦାରୀର ଆବଶ୍ୟକତାକୁ ରେଖାଙ୍କିତ କରେ । ଏବେ ବିଶ୍ୱରେ, ୧୦୦ କୋଟିରୁ ଉର୍ଦ୍ଧ୍ୱ ମହିଳା (ଯାହା ସମସ୍ତ ମହିଳାଙ୍କର ଏକ ଚତୁର୍ଥାଂଶରୁ ଅଧିକ)ସୁରକ୍ଷିତ ଭାବରେ ପରିଚାଳିତ ପାନୀୟଜଳ ସେବାର ସୁବିଧାରୁ ବଞ୍ଚିତ । ଏକ ଆକଳନ ଅନୁଯାୟୀ, ସେମାନଙ୍କ ମଧ୍ୟରୁ ୨୦.୫ କୋଟିମହିଳା ଅନୁନ୍ନତ ଜଳଉତ୍ସ କିମ୍ବା ଭୂପୃଷ୍ଠରେ ପ୍ରବାହିତ ଅପରିଷ୍କାର ଜଳରୁ ପାଣି ପିଅନ୍ତି । ପ୍ରାୟ୩୮ କୋଟି ମହିଳା ଏବଂ ବାଳିକା (ଯାହା ବିଶ୍ୱର ମୋଟ ମହିଳା ଜନସଂଖ୍ୟାର ୯%)ଗୁରୁତର ଜଳ ଜନିତ ଚାପ ବା ସମସ୍ୟା ମଧ୍ୟରେ ଜୀବନ ଧାରଣ କରିଥାନ୍ତି ଓ ଏହି ସଂଖ୍ୟା ଆଗାମୀ ୨୦୫୦ ମସିହା ସୁଦ୍ଧା ୩୩ଟି ଦେଶରେ ୬୭.୪ କୋଟିକୁ ବୃଦ୍ଧିପାଇବ ବୋଲି ଆଶଙ୍କା ପ୍ରକାଶ କରାଯାଉଛି । ବିଶ୍ୱସ୍ତରରେ୧୦ ରୁ୧୯ ବର୍ଷ ବୟସର ପ୍ରାୟ୧୫.୬ କୋଟି ବାଳିକା ଏବେ ବି ମୌଳିକ ପରିଚ୍ଛନ୍ନତା ସେବା ସୁବିଧାରୁ ବଞ୍ଚିତ, ଯାହା ସେମାନଙ୍କ ସ୍ୱାସ୍ଥ୍ୟ, ସମ୍ମାନଏବଂ ଶିକ୍ଷାକୁ ଅସୁରକ୍ଷିତ କରିଥାଏ । ଏକ ଆକଳନ ଅନୁଯାୟୀ, ବିଶ୍ୱସ୍ତରରେ୧୫୦ କୋଟି ମହିଳା ଏବଂ ବାଳିକା ଉଚ୍ଚ କିମ୍ବା ଅତି ଉଚ୍ଚ ମରୁଡ଼ି ପ୍ରବଣ ଦେଶଗୁଡ଼ିକରେ ବାସ କରନ୍ତି । ଏ ପରିପ୍ରେକ୍ଷୀରେ ଆମେ ପ୍ରକୃତିରେ ଜଳର ଉପଲବ୍ଧତା, ଜଳ ସଙ୍କଟ ଓ ଏହାର ପ୍ରତିକାର ଉପରେ ଆଲୋଚନା କରିବା । ପ୍ରକୃତିରେ ଜଳ-ପୃଥିବୀ ଏକ ଜଳ ଗ୍ରହ ହୋଇଥିଲେ ସୁଦ୍ଧା ପୃଥିବୀରେ ଜଳର ଭଣ୍ଡାର ସୀମିତ । ପୃଥିବୀର ପ୍ରାୟ ୯୭.୫% ଜଳ ସମୁଦ୍ରରେ ଗଚ୍ଛିତ ଯାହା ଲୁଣିଆ । ମନୁଷ୍ୟର ବ୍ୟବହାର ଉପଯୋଗୀ ନୁହେଁ । ଅବଶିଷ୍ଟ ୨.୫% ମଧୁର ଜଳ ମଧ୍ୟରୁ ଏକ ବଡ଼ ଭାଗ ମେରୁ ଅଞ୍ଚଳର ହିମବାହ । ତୁଷାରବୃତ୍ତ ଶୃଙ୍ଗରେ ଗଚ୍ଛିତ ଯାହା ମଧ୍ୟ ମଣିଷର ହାତ ପାଆନ୍ତାରେ ନାହିଁ । ପୃଥିବୀରେ ଉପଲବ୍ଧ ମଧୁର ଜଳର ଅନ୍ୟ ଏକ ବଡ଼ ଭାଗ ଭୂତଳ କିମ୍ବା ବାୟୁମଣ୍ଡଳର ଜଳୀୟବାଷ୍ପ ଆକାରରେ ଥାଏ ଯାହା ମଧ୍ୟ ମନୁଷ୍ୟର ବ୍ୟବହାର ଉପଯୋଗୀ ନୁହେଁ । ଅବଶିଷ୍ଟ ମାତ୍ର ୦.୩% ଅଂଶ ମଧୁର ଜଳ ନଦୀ, ହ୍ରଦ ଆକାରରେ ଭୂପୃଷ୍ଠରେ ପ୍ରବାହିତ ଯାହା ମନୁଷ୍ୟର ଦୈନନ୍ଦିନ କାମରେ ଲାଗେ । ସୁତରାଂ ପୃଥିବୀ ଏକ ଜଳ ଗ୍ରହ ହେଲେ ସୁଦ୍ଧା ଏଠାରେ ଉପଲବ୍ଧ ମନୁଷ୍ୟର ବ୍ୟବହାର ନିମନ୍ତେ ଜଳର ଭଣ୍ଡାର ଅତି ସୀମିତ । ତେଣୁ ଦୈନନ୍ଦିନ ଜୀବନରେ ଜଳ ବ୍ୟବହାର କ୍ଷେତ୍ରରେ ମିତବ୍ୟୟତା ସାଙ୍ଗକୁ ଜଳ ସଂରକ୍ଷଣର ଆବଶ୍ୟକତା ରହିଛି । ଜଳର ଧର୍ମ-ଜଳ ପ୍ରକୃତିରେ ଏକମାତ୍ର ପଦାର୍ଥ ଯାହା ପୃଥିବୀର ତାପମାତ୍ରା ପରିସରରେ ନିଜର ସମସ୍ତ ରୂପ ଯଥା କଠିନ, ତରଳ ଓ ଗ୍ୟାସୀୟ ଅବସ୍ଥାରେ ରହିପାରେ । ଏହାର ଘନତ୍ୱ ୧ ଗ୍ରାମ ଘନ ସେ. ମି. ପ୍ରତି ଏବଂ ଏହାର ଗଳନାଙ୍କ ଓ ସ୍ଫୁଟନାଙ୍କ ଯଥାକ୍ରମେ ୦ ଓ ୧୦୦ ଡିଗ୍ରୀ ସେଲସିୟସ୍ । ପ୍ରତି ଜଳ ଅଣୁରେ ହାଇଡ୍ରୋଜେନ୍ ଓ ଅକ୍ସିଜେନ୍ ପରମାଣୁ ଦ୍ୱୟର ବସ୍ତୁତ୍ୱର ଅନୁପାତ ୧:୮ ଏବଂ ଏ ପରମାଣୁ ଦୁହେଁ ଏକ ସହ-ସଂଯୋଜୀ ରାସାୟନିକ ବନ୍ଧ ଦ୍ୱାରା ପରସ୍ପର ସହିତ ସଂଯୁକ୍ତ ହୋଇଥାନ୍ତି । ଜଳର ଗୁପ୍ତ ତାପ ଅନ୍ୟ ସମତୁଲ୍ୟ ତରଳମାନଙ୍କଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ଏହା ତରଳ ଅବସ୍ଥାରୁ ବାଷ୍ପୀୟ ଅବସ୍ଥାରେ ପରିଣତ ହେଲେ ବିପୁଳ ତାପ ଗ୍ରହଣ କରିଥାଏ ଏବଂ ବାଷ୍ପୀୟ ଅବସ୍ଥାରୁ ଘନୀଭୂତ ହୋଇ ତରଳ ଅବସ୍ଥା ପ୍ରାପ୍ତ ହେଲେ ବିପୁଳ ତାପ ଉତ୍ସର୍ଜନ କରେ । ବିଶୁଦ୍ଧ ଜଳର ପି.ଏଚ. ର ମୂଲ୍ୟ ୭ । ଆହୁରି ମଧ୍ୟ, ଜଳର ଘନତ୍ୱ ୪ ଡିଗ୍ରୀ ସେଲସିୟସ ତାପମାତ୍ରାରେ ସର୍ବାଧିକ ଏବଂ ତାପମାତ୍ରା ଅନୁସାରେ ଏହାର ଘନତ୍ୱର ପରିବର୍ତ୍ତନ ଅନ୍ୟ ତରଳମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଜଳର ଏଭଳି କିଛି ଅଦ୍ୱିତୀୟ ଧର୍ମ ପାଇଁ ପୃଥିବୀ ପୃଷ୍ଠରେ ଜୀବନ ସମ୍ଭବ ହୋଇଛି । ଜଳର ସଞ୍ଚରଣ-ପୃଥିବୀରେ 'ଜଳଚକ୍ର' ପ୍ରକ୍ରିୟା ଦ୍ୱାରା ଭୂପୃଷ୍ଠ ଓ ଆକାଶ ମଧ୍ୟରେ ଜଳର ନିରନ୍ତର ସଂଚରଣ ଘଟୁଛି । ପ୍ରକୃତିରେ ଜଳଚକ୍ର ପ୍ରକ୍ରିୟା ସୂର୍ଯ୍ୟ ଦ୍ୱାରା ପରିଚାଳିତ ହେଉଛି ଏବଂ ଏହାଦ୍ୱାରା ପୃଥିବୀର କୌଣସି ସ୍ଥାନରେ ଜଳର ସମୁଦାୟ ପରିମାଣ ସ୍ଥିର ରହୁଛି । ଆମ ଦେଶରେ ଅଧିକାଂଶ ବୃଷ୍ଟିପାତ ମୌସୁମୀବାୟୁ ଦ୍ୱାରା କେବଳ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଅର୍ଥାତ ମାତ୍ର ଚାରି ମାସ ସମୟ ମଧ୍ୟରେ ପ୍ରାପ୍ତ ହୋଇଥାଏ । ବର୍ଷାଜଳ ମୃତ୍ତିକାରେ ଥିବା ଅସଂଖ୍ୟ ଛିଦ୍ର ଭେଦକରି ନିମ୍ନକୁ ଗତିକରେ ଏବଂ ପୃଥିବୀ ଅଭ୍ୟନ୍ତରରେ ଥିବା ଶିଳାସ୍ତରର ଅନେକ ଫାଟ ଓ ଫାଙ୍କ ମଧ୍ୟରେ ସଂଚିତ ହୋଇ ରହେ । ଏହା ହିଁ ଭୂତଳ ଜଳ ଏବଂ ଜଳ କଣିକା ବହନ କରୁଥିବା ଏଭଳି ଭୂତଳ ଶିଳାସ୍ତରକୁ 'ଆକ୍ୱିଫର' କହନ୍ତି । ଜୀବନ ପାଇଁ ଜଳର ଆବଶ୍ୟକତା-ମନୁଷ୍ୟ ଶରୀରର ପ୍ରାୟ ୭୦% ଅଂଶ ଜଳ । ଆମ ରକ୍ତରେ ଥିବା ପ୍ଲାଜମାର ପ୍ରାୟ ୯୦% ଅଂଶ ଜଳରେ ଗଠିତ । ମନୁଷ୍ୟ ଶରୀରର ଅଧିକାଂଶ ଜୈବ-ରାସାୟନିକ ପ୍ରତିକ୍ରିୟା ଏହି ଜଳୀୟ ମାଧ୍ୟମରେ ହିଁ ସମ୍ପାଦିତ ହୋଇଥାଏ । ଆମ ଦୈନନ୍ଦିନ ଜୀବନରେ ଜଳର ଆବଶ୍ୟକତା ଅପରିହାର୍ଯ୍ୟ ଓ ରୋଷେଇ, ବାସନ ଧୋଇବା, ଲୁଗାପଟା ସଫା, ଶୌଚ, ବଗିଚାକାର୍ଯ୍ୟ ତଥା ଜମିରେ ଜଳସେଚନ ନିମନ୍ତେ ଜଳର ଆବଶ୍ୟକତା ପଡିଥାଏ । ଏକ ଆକଳନରୁ ଜଣାଯାଏ ଯେ, ଆମ ଦେଶରେ ସର୍ବାଧିକ ମଧୁର ଜଳ କୃଷିକ୍ଷେତ୍ରରେ ଜଳସେଚନ ନିମନ୍ତେ ବ୍ୟବହୃତ ହୁଏ । ଜଳସଙ୍କଟ-ବିଭିନ୍ନ ପ୍ରକୃତି ବିରୋଧୀ ମନୁଷ୍ୟକୃତ କାର୍ଯ୍ୟକଳାପ ହେତୁ ଆମର ଜଳ ଗ୍ରହ ପୃଥିବୀରେ ଏବେ ଜଳ ସଙ୍କଟ ପରିସ୍ଥିତି ସୃଷ୍ଟି ହୋଇଛି । ଶିଳ୍ପ ସଂସ୍ଥାରୁ ନିର୍ଗତ ବିଭିନ୍ନ ରାସାୟନିକ ପଦାର୍ଥର ଉତ୍ସର୍ଜନ ତଥା ସହରର ଜୈବିକ ଆବର୍ଜନା ନଦୀ ଭଳି ଜଳଉତ୍ସକୁ ନିଷ୍କାସିତ ହେବା ଦ୍ୱାରା ଜଳ ପ୍ରଦୂଷଣ ଜନିତ ସମସ୍ୟା ସୃଷ୍ଟି ହେଉଛି । ଫଳରେ ଏଭଳି ଜଳ ଆଉ ପାନୀୟ ଉପଯୋଗୀ ହୋଇପାରୁ ନାହିଁ । ଏକ ଆକଳନରୁ ଜଣାପଡେ ଯେ, ନିଜର ପୁଣ୍ୟ ପାବନ ଜଳଧାରା ନିମନ୍ତେ ପୁରାଣ ପ୍ରସିଦ୍ଧ ଆମର ଗଙ୍ଗା ନଦୀ ଜଳ ପ୍ରଦୂଷଣ କାରଣରୁ ଏବେ ବିଶ୍ୱର ସର୍ବାଧିକ ୧୦ଟି ପ୍ରଦୂଷିତ ନଦୀମାନଙ୍କ ମଧ୍ୟରୁ ଅନ୍ୟତମ ପାଲଟି ଯାଇଛି । ସେହିପରି, ଆମ ଓଡ଼ିଶାରେ ମଧ୍ୟ ଜଳଉତ୍ସକୁ ଶିଳ୍ପସଂସ୍ଥାରୁ ରାସାୟନିକ ଆବର୍ଜନା ନିର୍ଗମନ କାରଣରୁ ପୂତ ପବିତ୍ର ବ୍ରାହ୍ମଣୀ ନଦୀ ମଧ୍ୟ ଏକ ପ୍ରଦୂଷିତ ଜଳଉତ୍ସ ପାଲଟି ଯାଇଛି ।

ଜାତିସଂଘର ଆକଳନ ଅନୁସାରେ, ଏକ ସୁସ୍ଥ ଜୀବନ ଧାରଣ ପାଇଁ ଦୈନିକ ମୁଣ୍ଡ ପିଛା ପ୍ରାୟ ଅଢେଇ ବାଲଟି କିମ୍ବା ୫୦ ଲିଟର ଜଳର ଆବଶ୍ୟକତା ରହିଛି । ମାତ୍ର ଏସିଆ, ଆଫ୍ରିକା, ଲାଟିନ ଆମେରିକା ଭଳି କିଛି ଦେଶର ଗାଁ ଗହଳିରେ ଲୋକଙ୍କ ନିକଟରେ ଏହି ସର୍ବନିମ୍ନ ଜଳ ମାତ୍ରା ମଧ୍ୟ ଉପଲବ୍ଧ ହୋଇପାରୁ ନାହିଁ ଯାହା ଘୋର ଉଦବେଗଜନକ ବିଷୟ । ସେହିପରି ଜନସଂଖ୍ୟା ବୃଦ୍ଧି ତଥା ଛତୁ ଭଳି ଫୁଟିଥିବା ଶିଳ୍ପସଂସ୍ଥାଗୁଡିକ ଯୋଗୁଁ ଭୂତଳ ଜଳଉତ୍ସ ଉପରେ ଅସମ୍ଭବ ଚାପ ସୃଷ୍ଟି ହେଉଛି ଯାହା ଫଳରେ ଭୂତଳ ଜଳସ୍ତର କ୍ରମଶଃ ନିମ୍ନକୁ ଗତି କରୁଛି । ଜଙ୍ଗଲ ନଷ୍ଟ ଯୋଗୁଁ ମୃତ୍ତିକାକ୍ଷୟ ଘଟି ମୃତ୍ତିକାର ଜଳଧାରଣ କ୍ଷମତା ଆଶାତୀତ ହ୍ରାସ ପାଉଛି । ଜଳବାୟୁ ପରିବର୍ତ୍ତନ କାରଣରୁ ମୌସୁମୀ ପ୍ରବାହ ଏବେ ଅନିଶ୍ଚିତ ଏବଂ ବୃଷ୍ଟିପାତ ଅତି ସୀମିତ ଓ ଏହିସବୁ କାରଣରୁ ବିଶ୍ୱରେ ଏବେ ଜଳ ସଙ୍କଟ ପରିସ୍ଥିତି ଉତ୍କଟ ହୋଇଛି । ପ୍ରତିକାର-ଆଗାମୀ ଦିନରେ ସୃଷ୍ଟି ହେବାକୁ ଯାଉଥିବା ଘୋର ଜଳ ସଙ୍କଟ ପରିସ୍ଥିତିରୁ ରକ୍ଷା ପାଇବାକୁ ହେଲେ ଆମକୁ ଦୈନନ୍ଦିନ ଜୀବନରେ ଜଳ ସଂରକ୍ଷଣ ଅଭ୍ୟାସ ଆପଣେଇ ନେବାକୁ ପଡିବ । ବିଭିନ୍ନ ଦୈନିକ କାର୍ଯ୍ୟକଳାପରେ ଜଳର ମିତବ୍ୟୟତା ସାଙ୍ଗକୁ ଅଯଥା ଜଳର ଅପଚୟକୁ ରୋକିବାକୁ ପଡିବ । ଏକ ଉଦାହରଣ ସ୍ୱରୂପ, ଆମେ ଶାଗଧୂଆ ଜଳକୁ ଫିଙ୍ଗି ନଦେଇ ତାକୁ ବଗିଚା କାର୍ଯ୍ୟରେ ବିନିଯୋଗ କରିବା ଆବଶ୍ୟକ । ସରକାରୀ କ୍ଷେତ୍ରରେ ଜଳର ଉତ୍ତମ ପରିଚାଳନା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ । ଜଳସେଚନ ନିମନ୍ତେ ଜଳର ମିତବ୍ୟୟତା ପାଇଁ ବୁନ୍ଦା ଜଳସେଚନ (Drip Irrigation) ପଦ୍ଧତି ଅବଲମ୍ବନ କରାଯିବା ଆବଶ୍ୟକ । ଆହୁରି ମଧ୍ୟ, ବର୍ଷାଜଳର ସଂରକ୍ଷଣ ପାଇଁ ଘରର ଛାତ ଉପରେ ବର୍ଷାଜଳ ଅମଳ ଟାଙ୍କି ସ୍ଥାପନ କରାଯିବା ଉଚିତ ଓ ଘରର ବ୍ୟବହୃତ କିମ୍ବା ବଳକା ଜଳକୁ ନଷ୍ଟ ହେବାକୁ ନଦେଇ ଗଭୀର ଗର୍ତ୍ତ ଜରିଆରେ ମାଟିତଳକୁ ସ୍ଥାନାନ୍ତରିତ କରାଯିବା ଆବଶ୍ୟକ ଯାହାଦ୍ୱାରା ଭୂତଳ ଜଳର ପୁନର୍ଭରଣ ହୋଇ ପାରିବ । ଜଳ ପାଇଁ ଯୁଦ୍ଧ-ଜଣେ ଦାର୍ଶନିକ କହିଥିଲେ ଯେ, ଯଦି ଆଗାମୀ ଦିନରେ ତୃତୀୟ ବିଶ୍ୱଯୁଦ୍ଧ ଘଟେ, ତେବେ ତାହା ଜଳ ପାଇଁ ହେବ । ଏବେ ମଧ୍ୟ ନଦୀଜଳ ବଣ୍ଟନ ନେଇ ବିଭିନ୍ନ ଦେଶ ଯଥା ଭାରତ-ପାକିସ୍ତାନ, ଭାରତ-ବଙ୍ଗଳାଦେଶ , ଭାରତ-ଚାଇନା ତଥା ଓଡିଶା-ଛତିଶଗଡ କିମ୍ବା ଓଡିଶା ଆନ୍ଧ୍ରପ୍ରଦେଶ ମଧ୍ୟରେ ବିବାଦ ଉପୁଜୁଛି । ଜଳ ଜୀବନ ବଞ୍ଚିବା ପାଇଁ ଏକ ଅତ୍ୟାବଶ୍ୟକୀୟ ପଦାର୍ଥ ହୋଇଥିବାରୁ ଜଳର ଉପଲବ୍ଧତା ମଣିଷର ଏକ ମୌଳିକ ଅଧିକାର । ମାତ୍ର ଏବେ ପୃଥିବୀର ପ୍ରାୟ ୨୨୦୦ କୋଟି ଲୋକେ ନିରାପଦ ପାନୀୟ ଜଳ ସୁବିଧାରୁ ବଞ୍ଚିତ ଯାହା ସେମାନଙ୍କ ଜୀବନରେ ଘୋର ଦୁର୍ଦ୍ଦିନ ଓ ଦୁର୍ଦ୍ଦଶା ଆଣି ଦେଇଛି । ଏବେବି ବିଶ୍ୱର ପ୍ରାୟ ୧୧.୫ କୋଟି ଲୋକ ଭୂପୃଷ୍ଠରେ ପ୍ରବାହିତ ଅପରିଷ୍କାର ଜଳଉତ୍ସ ଉପରେ ନିର୍ଭରଶୀଳ । ଏକ ଆକଳନ ଅନୁସାରେ, ପୃଥିବୀର ପ୍ରାୟ ଅର୍ଦ୍ଧେକ ଜନସଂଖ୍ୟା ବର୍ଷର କୌଣସି ଦିନ କୌଣସି ସମୟରେ ଜଳ ସଙ୍କଟ ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ଗତ ୫୦ ବର୍ଷ ମଧ୍ୟରେ ଘଟିଥିବା ସମୁଦାୟ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ଜଳ ଜନିତ ବିପ୍ୟାତ ହିଁ ପ୍ରମୁଖ ସ୍ଥାନ ଗ୍ରହଣ କରିଛି ଏବଂ ଏକାକୀ ଜଳ ସମ୍ବନ୍ଧିତ ମୃତ୍ୟୁସଂଖ୍ୟା ସମୁଦାୟ ମୃତ୍ୟୁସଂଖ୍ୟାର ପ୍ରାୟ ୭୦ ପ୍ରତିଶତ । ଆହୁରି ମଧ୍ୟ, ନଦୀ ହ୍ରଦ ଭଳି ବିଶ୍ୱର ସମୁଦାୟ ମଧୁର ଜଳପ୍ରବାହର ପ୍ରାୟ ୬୦ ପ୍ରତିଶତ ଭାଗ ଏକାଧିକ ରାଷ୍ଟ୍ରଙ୍କ ପାରସ୍ପାରିକ ଅଧିକାରରେ ରହିଛି ଏବଂ ୧୫୩ଟି ରାଷ୍ଟ୍ରର ପରିସୀମା ଦେଇ ସମୁଦାୟ ୩୧୦ଟି ଆନ୍ତରାଷ୍ଟ୍ରୀୟ ନଦୀ ମଧ୍ୟରୁ କୌଣସି ନା କୌଣସି ନଦୀର ଗତିପଥ ଅତିକ୍ରମ କରୁଛି । ଏ ମଧ୍ୟରୁ ସଂଶ୍ଳିଷ୍ଟ ଅଧିକାଂଶ ରାଷ୍ଟ୍ରଙ୍କ ମଧ୍ୟରେ ନଦୀଜଳ ବଣ୍ଟନ ନେଇ କୌଣସି ସ୍ପଷ୍ଟ ବୁଝାମଣା ନଥିଲାବେଳେ କେବଳ ୨୪ଟି ରାଷ୍ଟ୍ରଙ୍କ କ୍ଷେତ୍ରରେ ପଡୋଶୀ ରାଷ୍ଟ୍ରଙ୍କ ସହିତ ପାରସ୍ପାରିକ ବୁଝାମଣା ଚୁକ୍ତି ସମ୍ପାଦିତ ହୋଇଛି । ସୁତରାଂ ଜଳଗ୍ରହ ପୃଥିବୀରେ ଏହି ଉତ୍କଟ ଜଳସଙ୍କଟ ପରିସ୍ଥିତିରୁ ରକ୍ଷା ପାଇବା ନିମନ୍ତେ ଆଗାମୀ ଦିନରେ ବ୍ୟକ୍ତିଗତ ଏବଂ ସାମୂହିକ ସ୍ତରରେ ପଦକ୍ଷେପ ନେବା ଅବଶ୍ୟକ । ଆମକୁ ମନେ ରଖିବାକୁ ପଡିବ : ଜଳ ହିଁ ଜୀବନ ଏବଂ ଜୀବନର ଅନ୍ୟ ନାମ ଜଳ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପଲ୍ଲୀ ରାଜଜେମା ଝିଲି

ଡ. ସନ୍ତୋଷ କୁମାର ପଣ୍ଡା



ଗାଁ ମୁଣ୍ଡ ବରଗଛର ଓହଳଗୁଡ଼ିକ ଯେମିତି ଝିଲିର ଅକୁହା କଥାଗୁଡ଼ିକୁ ସାଉଁଟି ରଖିଛନ୍ତି। ଝିଲି— ଯାହାକୁ ଗାଁ ଲୋକେ ଶ୍ରଦ୍ଧାରେ 'ପଲ୍ଲୀ ରାଜଜେମା' ବୋଲି କହନ୍ତି। ତା'ର ପାଦରେ ନୂପୁର ନାହିଁ, କିନ୍ତୁ କାଦୁଅ ସରସର ବିଲ ହୁଡ଼ାରେ ଚାଲିଲା ବେଳେ ତା' ପାଉଜିର ଝୁମ୍‌ଝୁମ୍ ଶବ୍ଦ ପବନରେ ଭାସିଆସେ। ଆଉ କଣ୍ଠରେ ଥାଏ- 'ଉଡ଼ି ଉଡ଼ି ଯାଏ ବଣ ଚଢ଼େଇ, ଝାଡ଼ି ଦିଏ ଡେଣା ପାଣି, ଏଇ ମାଟି ମୋର ସୁନା ସଉତୁଣୀ,
ମୁଁ ତା' ପ୍ରେମର ରାଣୀ ।'
ସହରରୁ ଫେରିଥିବା ଶିକ୍ଷିତ ଯୁବକ ଆକାଶ, ହାତରେ କ୍ୟାମେରା ଧରି ନଈ ପଠାରେ ବୁଲୁଥିଲା। ହଠାତ୍ ବର୍ଷା ମାଡ଼ିଆସିଛି। ଝିଲି ଗୋଟିଏ ବଡ଼ ଶାଳପତ୍ରକୁ ମୁଣ୍ଡ ଉପରେ ଧରି ଦୌଡ଼ି ଦୌଡ଼ି ଆସୁଥିଲା। ଆକାଶକୁ ଦେଖି ସେ ଚମକି ଗଲା।
ଆକାଶ ପଚାରିଲା, 'ଏଇ ଯେ, ଶୁଣୁଛ ? ଏମିତି ଭିଜି ଭିଜି କୁଆଡ଼େ ଯାଉଛ ?'
ଝିଲି ତା'ର ବଡ଼ ବଡ଼ ଆଖି ନଚାଇ ଗାଉଁଲି ଢଙ୍ଗରେ କହିଲା— 'ଆରେ ବାବୁ, ମୁଁ ପରା ଏଇ ମାଟିର ଝିଅ, ମତେ କି ବର୍ଷା ଡରାଇବ ? ଆଉ ତୁମେ ? ସହରିଆ ବାବୁଟା, ଏମିତି ଖୋଲା ଆକାଶ ତଳେ ଠିଆ ହେଲେ ଜର ହେଇଯିବ ଯେ! ଆସ, ଏଇ ବରଗଛ କୋରଡ଼ରେ ଟିକେ ବିଶ୍ରାମ ନେଇଯାଅ।'
ସେଇ ଦିନଠାରୁ ଆକାଶ ପାଇଁ ଝିଲି ଏକ ଆକର୍ଷଣ ପାଲଟିଗଲା। ଦିନେ ସଞ୍ଜ ବେଳେ ଆକାଶ ତାକୁ ପଚାରିଲା, 'ଝିଲି, ତୁମେ ଏତେ ସୁନ୍ଦର, ସହରକୁ କେବେ ଯିବାକୁ ମନ ହୁଏନି ?' ଝିଲି ଟିକେ ହସିଦେଇ କହିଲା— 'ସହର ? ଶୁଣିଛି ସେଠି ଆକାଶ ଦେଖାଯାଏନି କି ମାଟିର ଗନ୍ଧ ମିଳେନି। ମୋ ଗାଁ ନଈ, ଏଇ ପକ୍ଷୀଙ୍କ କାକଳି ଛାଡ଼ି ମୁଁ ସେଠି କିମିତି ରହିବି ବାବୁ ? ମୋ ପାଇଁ ତ ଏଇ ପଲ୍ଲୀ ଗାଁଟା ରାଜପ୍ରାସାଦ ଆଉ ମୁଁ ଏଇଠି କାହାର ଅପେକ୍ଷାରେ ଥିବା ରାଜଜେମା।'
କାହାଣୀରେ କଳା ବାଦଲ ସେତେବେଳେ ମାଡ଼ି ଆସିଲା, ଯେତେବେଳେ ଗାଁର ସାହୁକାର ପୁଅ ବଳିଆ ଝିଲିକୁ ଜବରଦସ୍ତି ବାହା ହେବାକୁ ଜିଦ୍ କଲା। ଗାଁ ମଝିରେ ସମସ୍ତଙ୍କ ଆଗରେ ଝିଲିକୁ ଅପମାନିତ କରି କହିଲା, 'ଲୁଗା ପିନ୍ଧିବାକୁ ଯାହାର ଭଲରେ ସମ୍ବଳ ନାହିଁ, ସିଏ ପୁଣି ରାଜଜେମା ହେବ!' ସେଦିନ ଝିଲି ନଇଁ ଯାଇନଥିଲା। ସେ ଗର୍ଜି ଉଠି କହିଲା— 'ଶୁଣ ବଳିଆ ଭାଇ! ସୁନା ରୂପାରେ ମଣିଷ ଚିହ୍ନା ପଡ଼େନି। ମୋ ପାଖରେ ମୋ ମାଟିର ସମ୍ମାନ ଅଛି। ଏଇ ଆକାଶ ବାବୁ ମତେ ଶିଖାଇଛନ୍ତି ଯେ ନିଜ ହକ୍ ପାଇଁ କେମିତି ଲଢ଼ାଯାଏ। ତୋର ସେଇ ଅହଙ୍କାରୀ ଟଙ୍କା ମୋ ପାଦର ଧୂଳି ସହ ସମାନ।' ଆକାଶ ଝିଲିର ଏହି ରୂପ ଦେଖି ସ୍ତବ୍ଧ ହୋଇଗଲା। ସେ ବୁଝିପାରିଲା ଯେ ଝିଲି କେବଳ ରୂପସୀ ନୁହେଁ, ସେ ଗୁଣସୀ ମଧ୍ୟ। ଆକାଶ ସହରକୁ ଫେରିବା ସମୟ ଆସିଗଲା।
ଷ୍ଟେସନରେ ଝିଲି ଛିଡ଼ା ହୋଇଥିଲା। ଆକାଶ କହିଲା, 'ଝିଲି, ମୁଁ ତୁମକୁ ସହରକୁ ନେଇଯାଇଥାନ୍ତି, କିନ୍ତୁ ତୁମ ବିନା ଏଇ ଗାଁଟା ଶ୍ରୀହୀନ ହୋଇଯିବ।' ଝିଲି ଆଖିରୁ ଲୁହ ପୋଛି ହସି କହିଲା— 'ଯାଅ ବାବୁ, ତୁମ କଲମରେ ମୋ ଗାଁ କଥା ଲେଖିବ। ସହରର ଲୋକେ ଜାଣନ୍ତୁ ଯେ ଏମିତି ବି ଗୋଟେ ରାଜଜେମା ଅଛି, ଯାହାର ମୁକୁଟ ହେଉଛି ତା'ର ଆତ୍ମସମ୍ମାନ।'
ଗୁଣୁଗୁଣୁ ହୋଇ ଗାଉଥିଲା ସେ-
'ନଈ କୂଳିଆ ଥଣ୍ଡା ପବନ,
ଛୁଇଁ ଦେଇ ଯାଏ ଛାତି,
ତୋ ପ୍ରୀତିର ରଙ୍ଗ ଲାଗିଲେ ବାବୁ
ଦିନ ସାଜେ ମୋର ରାତି ।'
ଆକାଶ ଟ୍ରେନରେ ବସିଲା ସତ, କିନ୍ତୁ ତା' ହୃଦୟର ପ୍ରତିଟି ସ୍ପନ୍ଦନରେ ରହିଗଲା ସେଇ ପଲ୍ଲୀ ରାଜଜେମା ଝିଲିର ଅଭୁଲା ସ୍ମୃତି। ଭାବୁଥିଲା ସେ ଦିନେ ଫେରିବ ପଲ୍ଲୀକୁ, କିନ୍ତୁ ଏକା ନୁହେଁ, ବାଣ, ବାଜା ଓ ରୋଷଣୀ ସହ।

କଟକ।

# ନୂଆ ଚପଲ

ଶିବାଶିଷ ପାଢ଼ୀ

ଘରୋଇ ବ୍ୟାଙ୍କରେ ଅଫିସ ବୟ। ଦରମା ବାରହଜାର ଟଙ୍କା।ସବୁଦିଗରୁ ନିରାଶ ହେବା ପରେ ଶେଷରେ ଏହି ଚାକିରିକୁ ଆଶ୍ରୟ କରିଥିଲେ ନିତ୍ୟାନନ୍ଦ। ଗାଁରୁ ଆଉ କିଛି ଆଶା ରହିନଥିଲା। ବିକାଶର ପାର୍ଶ୍ୱ ପ୍ରତିକ୍ରିୟା ଜୀବନକୁ ଖଣ୍ଡବିଖଣ୍ଡ କରିଦେଇଥିଲା। ପିଢ଼ି ପରେ ପିଢ଼ିକୁ ଖାଦ୍ୟ ଯୋଗାଉଥିବା ଜମିଖଣ୍ଡ, ରାସ୍ତା ଉପରେ ଚାଲୁଥିବା ହଜାର ହଜାର ଟ୍ରକରୁ ଉଡୁଥିବା କୋଇଲା ଧୂଳି ତଳେ ପୋତି ହୋଇଯାଇଥିଲା। ଅଣନିଶ୍ୱାସୀ ହୋଇ ସେ ଚାଲିଆସିଥିଲେ ସହରକୁ। ଏହି ଚାକିରିରେ ହିଁ ଦୁଇ ଛୁଆଙ୍କ ପାଠପଢ଼ା, ଚାରିଟି ପେଟକୁ ଦାନା, ଔଷଧପତ୍ର ଇତ୍ୟାଦି ଖର୍ଚ୍ଚ ତୁଲାଇବା ବେଳେ କାଠିକର ପାଠ ହେଉଥିଲା। ତଥାପି ସ୍ତ୍ରୀ ସ୍ମିତାଙ୍କ ଯୋଗୁଁ କିଛି କରି ଚଳିଆସୁଥିଲେ ନିତ୍ୟାନନ୍ଦ। ହେଲେ ଆଜି ସେ ପୁରା ଭାଙ୍ଗିପଡ଼ିଥିଲେ। କାରଣ, ପୁଅ ଆଜି ରୋକଠୋକ କହିଦେଇଥିଲା ଯେ ତାକୁ ଗୋଟିଏ ନୂଆ ଚପଲ ଦରକାର। ପୁରୁଣା ଚପଲ ପିନ୍ଧି ସେ କଲେଜ ଯିବନାହିଁ। ସେଥିରେ ସମସ୍ତେ ତା ଉପରେ ହସୁଛନ୍ତି। ପୁଅ କେବେ ଏମିତି କହେନାହିଁ। ଛୋଟବେଳୁ ଅଭାବକୁ ଦେଖି ବଢ଼ିଥିବାରୁ ସେ ବୟସଠାରୁ ଅଧିକ ପକ୍କା ହୋଇଯାଇଥିଲା। ସତର ବର୍ଷରେ ସତେଇଶ ବର୍ଷର କଥା କହୁଥିବା ପୁଅର ଏହି ରୋକଠୋକ କଥା ଶୁଣି, ନିତ୍ୟାନନ୍ଦ ପୁଅ ଉପରେ ନୁହେଁ, ନିଜ ଉପରେ ରାଗୁଥିଲେ। ପୁଅର ଚପଲକୁ ସେ ଭଲକରି ଦେଖିଥିଲେ। ଟଙ୍କା ଦୁଇଶହରେ ମିଳୁଥିବା ସାଧାରଣ ଚମଡ଼ା ଚପଲ, ବିଶେଷ କିଛି ଖରାପ ହୋଇନଥିଲା। ତେଣୁ ସେ କହିଥିଲେ, "ଆର ମାସେ କିଣିବା ବାବୁ, ଏବେ ତ ଠିକ ଅଛି।" କିନ୍ତୁ ପୁଅ ମାନିନଥିଲା। କିଛି ଅଧିକ କହିନଥିଲା, ବରଂ ରାଗ ତମତମ ହୋଇ ସେଠାରୁ ଚାଲିଯାଇଥିଲା। ତାର ଭାବଭଙ୍ଗୀ ଦେଖି ନିତ୍ୟାନନ୍ଦ ଡରିଯାଇଥିଲେ। ବୁଢ଼ାହେଉଥିବା ବାପାମାନେ ଯେମିତି ନିଜ ଛୁଆଙ୍କୁ ମନେମନେ ଡରନ୍ତି, ସେମିତି। ସେ ସ୍ମିତାଙ୍କୁ କହିଥିଲେ ବିପଦଆପଦ ପାଇଁ ସାଇତି ରଖିଥିବା ଟଙ୍କାରୁ ଶେଷ ପାଞ୍ଚଶହ ଟଙ୍କା ଆଣିବାକୁ। ନିଜେ ଦୋକାନକୁ ଯାଇ ତିନିଶହ ପଚାଶ ଟଙ୍କାରେ ପୁଅ ବରାଦ କରିଥିବା ଚପଲ କିଣି ଆଣିଲେ।
ପୁଅ ଖୁସି ହୋଇଗଲା। ଚପଲ ପିନ୍ଧି କହିଲା, "ମୁଁ ଥରେ ବୁଲିଆସୁଛି।" ପୁଅର ଖୁସି ଦେଖି ନିତ୍ୟାନନ୍ଦ ତିନିଶହ ପଚାଶ ଟଙ୍କାର ଦୁଃଖକୁ ଭୁଲିଯାଇଥିଲେ। ହସିହସି ପୁଅର ଯିବାବାଟକୁ ଦେଖୁଥିବା ବେଳେ ତାଙ୍କର ନଜର ପଡ଼ିଲା ପୁଅର ପୁରୁଣା ଚପଲ ଉପରେ। ଚପଲଟିକୁ ଉଠାଇ ପାଖରେ ପଡ଼ିଥିବା କପଡ଼ାରେ ପୋଛି, ସବୁଥର ଭଳି ନିଜେ ପିନ୍ଧିଲେ ସେ। ବାହାର ଅଗଣାରେ ଥରେ ହେଟେଇ ଦେଖିଲେ। ପୁରା ଫିଟ୍ ହେଉଥିଲା। "ଛଅ ମାସ ଚାଲିଯିବ," ମନେମନେ ଆଶ୍ୱସ୍ତ ହେଲେ ସେ।
ସେ ଭାବୁଥିଲେ କେହି ଦେଖୁନାହିଁ। କିନ୍ତୁ ଘର ପଛପଟେ ଲୁଚିଥିବା ପୁଅ ସବୁକିଛି ଦେଖୁଥିଲା। ତାର ଆଖି ଛଳଛଳ ଥିଲା।
ତାର ଦୃଷ୍ଟି ସ୍ଥିର ହୋଇଥିଲା ଖଟତଳେ ପଡ଼ିଥିବା ବାପାଙ୍କର ସେହି ପୁରୁଣା, ବାରମ୍ବାର ମରାମତି ହୋଇଥିବା ଚପଲ ଉପରେ। ଯାହା କି ଦିନେ ତାରି ପାଇଁ ଆସିଥିଲା।

ଶିବାଶିଷ ପାଢ଼ୀ
ହେମଗିର, ସୁନ୍ଦରଗଡ଼ ୧୩
୯୭୭୮୧୭୪୯୭୮

# ଦୂରଦୃଷ୍ଟି

ରତ୍ନକାନ୍ତି ମିଶ୍ର

ବହୁତ ବିଚାର ବିମର୍ଶ ପରେ ବାପା ମାଆ ଙ୍କୁ ନିଜ ନିଜ ଭିତରେ ଆପୋଷରେ ବାଣ୍ଟି ନେଲେ ଦୁଇ ପୁଅ ବିଜୁ ଆଉ ଅଜୁ। କଥା ହେଲା ଗୋଟିଏ ବର୍ଷ ପରେ ବାପା ମାଆଙ୍କୁ ପୁଣି ଅଦଳବଦଳ କରିନେବେ ଦୁଇ ଭାଇ।ଏଇ ପ୍ରକାର ବଣ୍ଟାକୁଣ୍ଟା ଏବଂ ସର୍ତ୍ତରେ କୌଣସି ମତେ ପରିସ୍ଥିତିକୁ ବୁଝିଗଲେ ମଧ୍ୟ ଦୁଇ ବୋହୂ। ବଜାର ସଉଦା କରିବା, ନାତି ନାତୁଣୀ ଙ୍କୁ ସ୍କୁଲକୁ ନେବା ଆଣିବା, ବଗିଚାରେ କାମ କରିବା ଇତ୍ୟାଦିର ଦାୟିତ୍ୱ ବଡ଼ପୁଅ ବିଜୁ ଦେଲା ବାପାଙ୍କ ଉପରେ। କାରଣ ଆଗରୁ ଯେଉଁ ଲୋକଟି ଉପରେ ଏ ସବୁ କାମ ନ୍ୟସ୍ତ ଥିଲା ସେ ଠିକ୍ ଠାକ୍ ଭାବରେ ସବୁକଥା ସମ୍ଭାଳି ପାରୁ ନଥିଲା ବୋଲି କୁହାଗଲା ବାପାଙ୍କୁ। ଉପରନ୍ତୁ ବଜାର ସଉଦା କରିବାକୁ ଯାଇ ବହୁତ ସମୟ ବାହାରେ ରହୁଥିଲା ଏବଂ ପଇସା ବି ଠକି ନେଇଯାଉଥିଲା ଫିସାଦ କଥା କହି।
ସେପଟରେ ବାସନ ମାଜିବା, ରନ୍ଧାବଢ଼ା କରିବା, ଘରଦ୍ୱାର ପରିଷ୍କାର କରିବା ଇତ୍ୟାଦି କାମ ଶାଶୁଙ୍କ ଉପରେ ଛାଡିଦେଲା ସାନ ବୋହୂ। କୋଡ ଛୁଆକୁ ଛାଡି କୌଣସି କାମ ଏବେ କରିବା ମୁସ୍କିଲ ବୋଲି ସାନ ବୋହୁ ସଫା ସଫା କହିଦେଲା ତ ଶାଶୁ ବିଚାରି କରେ କ'ଣ! 'ମାଟ୍ରେନିଟି ଲିଭ୍ ସରିଗଲା ପରେ ମୁଁ ପୁଣି ଯେତେବେଳେ ଅଫିସ ବାହାରିବି ତୁମ ମାଆକୁ ତ ଘର କାମ ସବୁ କରିବାକୁ ହେବ।' ପତ୍ନୀଙ୍କ ଏଇ ଉତ୍ତର ଖୁବ୍ ମନକୁ ପାଇଲା ଅଜୁକୁ। ଉପରନ୍ତୁ ବୁଦ୍ଧିମତୀ ପତ୍ନୀଙ୍କ ଦୂରଦୃଷ୍ଟିକୁ ତାରିଫ୍ କରିବାର ସୁଯୋଗ ହାତଛଡ଼ା କଲାନି ବଶମ୍ବଦ ସ୍ୱାମୀ। ହେଲେ ଛଅ ମାସ ପୁରା ହେବା ବେଳକୁ ବଡ଼ପୁଅ ଆଣି ବାପାଙ୍କୁ ଛାଡ଼ିଦେଇ ଗଲା ଗାଆଁ ଘରେ। ତା ପୂର୍ବରୁ ଅବଶ୍ୟ ସାନଭାଇ ସହିତ କଥା ହୋଇଥିଲା ବାପା ମାଆଙ୍କୁ ଅଦଳବଦଳ କରିନେବା ପାଇଁ। ହେଲେ ସର୍ତ୍ତ ଅନୁସାରେ ଗୋଟିଏ ବର୍ଷ ପରେ ଅଦଳବଦଳ କରିବା ଠିକ୍ ବୋଲି କହି ଅଜୁ ବିଜୁର ପ୍ରସ୍ତାବକୁ ନାକଚ କରି ଦେଇଥିଲା। ପ୍ରକୃତ କଥା ହେଲା ବାପାଙ୍କ ଦେହ ଆଜିକାଲି ଭଲ ରହୁନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଅଜୁ। ମାଆ କାଳେ ବ୍ୟସ୍ତ ହୋଇ ଗାଁକୁ ଯିବାକୁ ଜିଦ୍ କରିବ ବୋଲି ଏସବୁ ବିଷୟରେ ଯଥା ସମ୍ଭବ ସତର୍କତା ଅବଲମ୍ବନ କରି କଥାବାର୍ତ୍ତା ହେଉଥିଲେ ଅଜୁ ଏବଂ ତା'ର ପତ୍ନୀ। ମାସଟିଏ ପରେ ବାପାଙ୍କ ଦେହାନ୍ତ ହୋଇଯିବାର ଖବର ଆସିଲା ତ ଦୁଇ ଭାଇ ବାଧ୍ୟ ହୋଇ ପହଞ୍ଚିଲେ ଗାଆଁରେ। ମାଆ ସେବେଠାରୁ ଯେମିତି ମୂକ ପାଲଟିଯାଇଥିଲା। ଆଖିରୁ ଲୁହ ଶୁଖୁନଥିଲା । ବାହାରକୁ ଦେଖାଇଲା ଭଳି ବାପାଙ୍କ ପାଇଁ ଶୁଦ୍ଧି କ୍ରିୟା କର୍ମ ଖୁବ୍ ଜାକଜମକରେ କରିଲେ ଦୁଇ ଭାଇ। ଖୁବ୍ ବାହାବା ପାଇଲେ ମଧ୍ୟ ଆଶାନୁରୂପକ। ଏଥର ପୁଣି ନିଜ ନିଜ କର୍ମକ୍ଷେତ୍ରକୁ ବାହାରିବାର ସମୟ ଉପନୀତ ହେଲା।
ବିଜୁ ଏଥର ମାଆକୁ ନିଜ ପାଖକୁ ନେଇ ଯିବାକୁ ଚାହିଁଲା। ତା'ର ଯୁକ୍ତି ହେଉଛି ବର୍ଷଟିଏ ପର୍ଯ୍ୟନ୍ତ ବାପା ବଞ୍ଚିଲେ ନାହିଁ ତ ପୁରୁଣା ଚୁକ୍ତିର ଆଉ କୌଣସି ମୂଲ୍ୟ ନାହିଁ। ହେଲେ ଅଜୁ କି ମାନିବାକୁ ଚାହିଁବ ଏପ୍ରକାର ଯୁକ୍ତିକୁ ? କହିବା ବାହୁଲ୍ୟ ଯୁକ୍ତି କ୍ରମେ ଝଗଡାର ରୂପ ନେଲା ଏବଂ ସଚରାଚର ଜାଣିଲେ ଦୁଇ ଭାଇଙ୍କ ମନୋମାଳିନ୍ୟ ବିଷୟରେ। ଶେଷରେ ପାଟି ଖୋଲିଲା ମାଆ। -' ବାପାଙ୍କୁ ଯେମିତି ଅଣହେଲା କରି ଦୁହେଁ ମାରିଦେଲ ସେମିତି ମରିବା ଅପେକ୍ଷା ଏଇଠି ରହି ମୁଁ ମରିବାକୁ ଚାହୁଁଛି। ତୁମେ ଧରିନିଅ ମାଆ ମରିଗଲା ବୋଲି। ମଲା ଲୋକକୁ ତ ତୁମେ ଦୁହେଁ ନେବାକୁ ଚାହିଁବନି। ଚାହୁଁଛ ତ ଏଇଠି ଏବେ ମୋ ପାଇଁ କ୍ରିୟା କର୍ମ କରି ନିଜ ନିଜ ଜାଗାକୁ ପଳାଅ। ମୋ ଆତ୍ମା ଶାନ୍ତି ପାଇଯିବ।' ଉପସ୍ଥିତ ଲୋକେ ମୁହଁ ତଳକୁ କରି ଠିଆ ହୋଇଥିବା ଦୁଇ ଭାଇଙ୍କ ଆଡେ ନିରେଖି ନିରେଖି ଚାହୁଁଥିଲେ... ! ! !

ଆଳି, କେନ୍ଦ୍ରାପଡ଼ା

# ଜେଜେଙ୍କ ଚଉକି

ସୁନନ୍ଦା ମହାନ୍ତି



ଗଳ୍ପ କହିଲେ କିଛି ସତ ଓ କିଛି ମିଛ ମିଛକୁ ଫେଣ୍ଟି ପୁଣି ତାକୁ ଭାବରେ ସଜେଇ ପ୍ରକାଶ କରିବାର ଶୈଳୀ ଛଡା ଆଉ କଣ ହୋଇପାରେ ଯେ!ହଁ ହୋଇପାରେ କିଛି ଅଙ୍ଗେ ନିଭା କଥା ବା ଅନୁଭବ କି ଅନୁଭୂତି କି ଅନୁରାଗର କଥା। ଏଠି ଆଖି ଦେଖିଥିବା କଥାଟିଏ। ସେ ଥିଲେ ଜଣେ ଅବସର ପ୍ରାପ୍ତ ଶିକ୍ଷକ। ଦୁଇ ପୁଅ ଓ ଦୁଇପୁଅଙ୍କ ମଝିରେ ଗୋଟେ ଝିଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର। ସେହି ସଂସାରରେ ପଡୋଶୀ ଅନୁ ବୋଲି ସ୍ତ୍ରୀ ଲୋକ ଜଣେ ବାନ୍ଧି ହୋଇଯିବାର କାରଣ ଥିଲେ ସାର। ସେ ଥିଲେ ଅନୁଙ୍କ ସ୍ୱାମୀଙ୍କ ସାର ତେଣୁ ଏମିତିରେ ସାର ଓ ତାଙ୍କ ସ୍ତ୍ରୀ ମାଉସୀ ସମ୍ପର୍କରେ ବାପା ମାଆ ବା ଶାଶୁ ଶଶୁର ତୁଲ୍ୟ ଥିଲେ ବି ଅନୁ ଯେହେତୁ ନିଜେ ଶିକ୍ଷୟିତ୍ରୀ ଥିଲେ ସାର କହୁଥିଲେ ବୋହୁ ନୁହଁ ବରଂ ଗୁରୁମା ବୋଲି ଡାକିବି ତୁମକୁ। ଗୁରୁମା ଡାକ ସ୍ୱତନ୍ତ୍ର ଅଟେ କହି ନିଜେ ସାଦା ପାନ ଖଣ୍ଡେ ଖାଇ ଅନୁଙ୍କୁ ବଢ଼େଇ ଦିଅନ୍ତି ସାଦା ପାନ ଖଣ୍ଡେ। ଓଃ କି ମିଠା ସେ ପାନ! ସେଇ ପାନ କଣ ଖାଇହୁଅନ୍ତା ସାରଙ୍କ ଠାରୁ ଯଦି ସେ ଗୁରୁମା ଡାକୁନଥାଆନ୍ତେ ଅନୁଙ୍କୁ। ସାର ଗୋଟେ ନିର୍ଦ୍ଦିଷ୍ଟ ଚଉକିରେ ବସି କହନ୍ତି ବୁଝିଲ ଗୁରୁମା ଏଇଟା ମୋ ଜେଜେଙ୍କ ଚଉକି। ଶିଶୁ କାଠରେ ତିଆରି ଦେହ ସାଙ୍ଗକୁ ବସିବା ସ୍ଥାନଟି ଧଳା ପ୍ଲାଷ୍ଟିକ ତାର ବୁଣା ଚଉକିଟିର ଆକୃତି ତଥା ଗଠନ ଯେମିତି ସୁନ୍ଦର ସେମିତି କଳା ରଙ୍ଗର ଚିକ୍କଣ ଶରୀର ରେ ଧଳା ପ୍ଲାଷ୍ଟିକ ତାର ବୁଣା ଦେହ ଖୁବ ଆକର୍ଷଣୀୟ। ପ୍ରାୟେ ସ୍କୁଲରୁ ଆସିଲା ପରେ ଅଳ୍ପ ଅଳ୍ପ ଘର କାମ ସାରିଦେଇ ଅନୁ ଆକର୍ଷିତ ହୁଅନ୍ତି ସାରଙ୍କ ଘର ଆଡକୁ। ସାରଙ୍କ ହାତଭଙ୍ଗା ପାନ କି ସେହି ଆଭିଜାତ୍ୟପୂର୍ଣ୍ଣ ଚଉକିର ଦର୍ଶନର ମୋହ କେଜାଣି ଅନୁ ପ୍ରାୟେ ଯାଆନ୍ତି ସାରଙ୍କ ଘରକୁ। ଫେରିଲା ବେଳେ ପାଟିରେ ଥିବା ପାନ ଦେଖି ପୁଅ ଝିଅ ଦୁହେଁ ବେଢ଼ି ଯାଆନ୍ତି ଅନୁଙ୍କ ଦୁଇପଟେ। ଆମ ପାଇଁ ଆଣିନୁ କହି ସେଟାକୁ ଛଡେଇ ନେବାକୁ ଉଦ୍ୟତ ହୁଅନ୍ତି ତ ଅନୁ କହନ୍ତି କାଲି ମାଗିଆଣିବି ସାରଙ୍କ ଘରୁ ପାନ।
ସାର ସେଇ ଚଉକି ଓ ଚୌକିରେ ବସୁଥିବା ତାଙ୍କ ଜେଜେଙ୍କ କଥା ଭିତରେ ଅନୁଙ୍କୁ ମିଳିଯାଏ ଅନେକ ପ୍ଲଟ, ଘର କରିବାକୁ ନୁହଁ ବରଂ ଗଳ୍ପ ଲେଖିବାକୁ। ଶୁଣିବାକୁ ଭଲ ଲାଗେ ସେହିସବୁ ଦର୍ଶନ ଓ କଥନ। ସାରଙ୍କ କିଛି ସମୟ ବିତିଯାଏ ଆଉ ଅନୁଙ୍କୁ ମଧ୍ୟ ମିଳିଯାଏ କିଛି କିଛି ଖୋରାକି। ଯେମିତି ପାନ ଖାଇ ପାନ ଆଣିବାକୁ ହୁଏ ପିଲାଙ୍କ ପାଇଁ ମାଗିକି। କି ସୁନ୍ଦର ଛୋଟ ଛୋଟ ଖିଲ ପାନ ଭାଙ୍ଗି କରି ଦିଅନ୍ତି ସାର ନିଜ ହାତରେ କିନ୍ତୁ ଦାନ୍ତ ପୋକ କାଟିବ ପିଲାଙ୍କର କହି ସଚେତନ ମଧ୍ୟ କରିଥାନ୍ତି। ସେକଥା ପିଲାଙ୍କୁ କହିବା ଜରୁରୀ ହୁଏ କାରଣ ସବୁବେଳେ ତାଙ୍କ ଘରୁ ପିଲାଙ୍କ ପାଇଁ ପାନ ଆଣିବା ଉଚିତ ନୁହଁ। ଅନ୍ୟପକ୍ଷରେ ପିଲାଙ୍କର ଏହି ପାନ ପ୍ରତି ଦୁର୍ବଳତା ହୁଏତ ପିଲାଙ୍କ ନିଶା ରେ ପରିଣତ ହେବ ଭାବି ମନ ଆଶଙ୍କାଗ୍ରସ୍ତ ହୁଏ ଅନୁଙ୍କର। ପିଲାଏ ମଧ୍ୟ ଜେଜେ ବା ଅଜା ତୁଲ୍ୟ ଭାବୁଥିବା ସାରଙ୍କୁ ଖୁବ ମାନନ୍ତି ତଥା ଡରନ୍ତି ତ ଅନୁ ଯେବେ କୁହନ୍ତି ସାର କହୁଥିଲେ ପିଲାମାନେ ଚା କିମ୍ବା ପାନ ଖାଇବା ଉଚିତ ନୁହଁ ତ ଚୁପ ହୋଇଯାଆନ୍ତି ଦୁହେଁ। କଟାଳ କରନ୍ତି ନାହିଁ ସାରଙ୍କ ଘରକୁ ଆମକୁ ନେଇକି ଯା ବା ତାଙ୍କ ଘରୁ ପାନ ଆଣିକି ଆମ ପାଇଁ ଆ। ଏ ଭିତରେ ସାରଙ୍କ ବଡ଼ ପୁଅ ଓ ଝିଅ ବାହା ହୋଇ ସାରିଥିଲେ ଓ ଅନୁଙ୍କ ପଚିଶ ବର୍ଷିଆ ବିବାହ ବାର୍ଷିକୀ ସମ୍ପର୍ଣ୍ଣ ହୋଇ ଦୁଇ ପିଲା ବଢୁଥିବା ଭିତରେ ସାରଙ୍କ ସାନ ପୁଅ ବାହାଘର ହେଲା ଓ ଟିକି ଝିଅଟିଏ ମଧ୍ୟ ହେଲା ତାର ଖୁବ ଶୀଘ୍ର । ନାତୁଣୀକୁ ଜେଜେମାଆ ନୁହଁ ବରଂ ଜେଜେ ସମ୍ଭାଳୁ ଥିଲେ। ଏଣିକି ଅନୁଙ୍କର ତାଙ୍କ ଘରକୁ ଯିବା ଆସିବା କମି ଯାଇଥିଲା କିନ୍ତୁ ନାତୁଣୀକୁ ସାଥିରେ ନେଇ ସାର ଆସୁଥିଲେ ଅନୁଙ୍କ ଘରକୁ। ନାତୁଣୀ ବଢୁଥିଲା ମାସେ ମାସେ ଲେଖାଏଁ ।
ହଠାତ ସାର ଗୁରୁତର ହୋଇ ପଡିଲେ। ଏମିତିକି କଟକକୁ ସ୍ଥାନାନ୍ତର ହେଲେ। ତାଙ୍କ ଖବର ବୁଝିବାକୁ ତାଙ୍କ ଘରକୁ ଯାଇ ଅନୁ ଦେଖିଲେ ନାତୁଣୀ ରାହା ଧରି ଖନେଇ ଖନେଇ ଜେଜେ ଜେଜେ ବୋଲି ଖୋଜିଲେ ଟିକି ଝିଅକୁ ସେହି ଚଉକିରେ ବସାଇ ଦେଲା ପରେ ତୁନି ପଡୁଛି ଯେମିତି ସାର ତାଙ୍କ ପିଲାଦିନେ ଜେଜେ ଓ ତା ପରେ ପରେ ନାନାଙ୍କୁ ହରେଇ ସେଇ ଚୌକିରେ ବସି ତୁନି ପଡୁଥିଲେ। ସତକୁ ସତ ସାର କଟକରୁ ଘରକୁ ଜୀବନ୍ତ ନୁହଁ ବରଂ ମୃତକ ହୋଇ ଫେରିଲେ। ଘର ବାହାର ଚାରିଆଡେ ହାହାକାର। ଅନୁଙ୍କ ଆଖିରୁ ଲୁହ ଶୁଖୁ ନଥିଲା । ଶବବାହକ ଗାଡିରେ ସାର ଶବ ହୋଇ ଗଲାଯାଏଁ ନାତୁଣୀ ତାଙ୍କର ଅବୁଝା ଆଖିରେ ଜଳ ଜଳ ଚାହୁଁଥିଲା। ନନାଙ୍କ ଅତି ପସନ୍ଦ ତଥା ଆଭିଜାତ୍ୟର ଚଉକିଟା ନନାଙ୍କ ସାଙ୍ଗରେ ସ୍ୱର୍ଗଦ୍ୱାର ଯାଉ ବୋଲି ସାନବୋହୂର କଥାକୁ ସାରଙ୍କ ସ୍ତ୍ରୀ ମାଉସୀ, ବଡ଼ବୋହୁ ଓ ଝିଅ ତଥା ଅନ୍ୟମାନେ ସମର୍ଥନ କରିଥିଲେ ତ ଚଉକିଟି ମଧ୍ୟ ସ୍ୱର୍ଗଦ୍ୱାରରେ ଦାହ ହେବାପାଇଁ ନେଇଯିବାକୁ ଦୁଇପୁଅ ଓ ଜୋଇଁ ତଥା ଅନ୍ୟମାନେ ଯେମିତି ଚଉକି ଉଠେଇଛନ୍ତି ସେମିତି ନାତୁଣୀ କାନ୍ଦିଲା ଏମିତି ଯେ ତାକୁ ବୁଝେଇବା ସମ୍ଭବ ହେଲାନି ସେଇ ଚଉକିରେ ତାକୁ ବସାଇବା ଯାଏଁ। ତ କିଏ କହିଲା ରହୁ ଚଉକି ସନ୍ତକ ହୋଇ ତ କିଏ କହିଲା ଶିଶୁ କାଠର ଚଉକି ନେବା ମଧ୍ୟ ସମ୍ଭବ ନୁହଁ। ସମସ୍ତେ କାନ୍ଦୁଥିଲେ ସାରଙ୍କ ଶେଷ ବିଦାୟ ବେଳାରେ କିନ୍ତୁ ଛୋଟ ନାତୁଣୀ ଚଉକି ଉପରେ ବସି ହସୁଥିଲା। ଚଉକିଟା ମଧ୍ୟ ଝୁଲୁଥିଲା ନାତୁଣୀ ଆଖିରେ ନିଦ ଆସିବା ଯାଏଁ.

ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

# ମରୀଚିକା

ଆଦ୍ୟାଶା ମହାପାତ୍ର




କ'ଣ ସବୁ ମାଆ ବାଉଳି ଚାଉଳି ହେଉଛି ।ରଘୁ ଆଉଥରେ ଯାଇ ମାଆକୁ ଛୁଇଁଲା। ବାପ୍ ରେ ଦେହରେ କି ତାତି! ଯେମିତି ଖଇ ଫୁଟିଯିବ !
ଆଜିକୁ ଦୁଇ ଦିନ ହେବ ମାଆ ଦେହରୁ ଜ୍ୱର କମିବାରେ ନାହିଁ। ତୁଟୁକା ମୁଟୁକା, ଝାଡ ଫୁଙ୍କା ସବୁ ହାର ମାନି ଗଲାଣି। ଏବେ ଆଉ ଚାରା କ'ଣ ? ଗାଆଁ ରେ ଔଷଧ ଦୋକାନ କରିଥିବା ନରି ବାବୁଙ୍କ ଔଷଧ ବି ହାର୍ ମାନିଗଲାଣି। ସେ ନିଜେ କାଲିଠାରୁ କହି ସାରିଲେଣି ମାଆକୁ ସହରକୁ ନେଇ ଯିବାକୁ। ହେଲେ ଏ ଅବସ୍ଥାରେ ମାଆକୁ ଡାକ୍ତରଖାନା ପର୍ଯ୍ୟନ୍ତ ନେବ କେମିତି ? କିଛି ବୁଦ୍ଧିବାଟ ନପାଇ ରଘୁ ଦୌଡିଲା ୱାର୍ଡମେମ୍ବର ଅମିତ ବାବୁଙ୍କ ଘରକୁ। ସବୁକଥା ଶୁଣି ଭାରି ବ୍ୟସ୍ତ ହୋଇପଡିଲେ ସେ । ନିଜ ମୋବାଇଲରୁ ଫୋନ୍ କଲେ ଶହେ ଆଠ ଗାଡ଼ିକୁ। ଥରେ ନୁହେଁ କେତେଥର ଚେଷ୍ଟା କଲେ ସେ। ତାପରେ କ'ଣ ଗୋଟିଏ ବ୍ୟବସ୍ଥା କରୁଛି କହି ବାଇକ୍ ଷ୍ଟାର୍ଟ କରି କେଉଁଆଡେ ଗଲେ ତ ରଘୁ ସେମିତି ଚାହିଁରହିଲା ତାଙ୍କ ଆସିବା ବାଟକୁ। ମାଆକୁ ସହର ନେବାକୁ କାଳେ କିଛି ବାଟ ବାହାରିଯିବ! ଘଣ୍ଟାଏ ସରିକି ସମୟ ଗତ ହୋଇଗଲା ପରେ ଆସିଲେ ଅମିତ୍ ବାବୁ ଆଉ ରଘୁକୁ ସେଇଠି ବସିଥିବାର ଦେଖି ହସ ହସ ତାଙ୍କ ମୁହଁ ଯେମିତି ଫିକା ପଡ଼ିଗଲା। କିଛି ବ୍ୟବସ୍ଥା ହୋଇ ପାରିଲା ନାହିଁ କହି ମୁହଁ ଶୁଖେଇ ଦେଲେ। ଅବଶ୍ୟ ସରପଞ୍ଚ ବିକାଶ ବାବୁଙ୍କ ପାଖକୁ ଗଲେ ସେ ନିଶ୍ଚୟ କିଛି ବ୍ୟବସ୍ଥା କରି ପାରିବେ ବୋଲି କହି ରଘୁକୁ ଆଶ୍ୱାସନା ଦେଲେ।
ରଘୁ ସେଇଠୁ ଦୌଡିଲା ପାଖ ଗାଁର ସରପଞ୍ଚ ବାବୁଙ୍କ ଘରକୁ। ତାଙ୍କ ଉପରେ ତା'ର ଷୋଳଅଣା ଭରସା। କାହିଁକି ନରହିବ ? ଗଲା ନିର୍ବାଚନ ବେଳକୁ ତାରି ଘରେ ବସି ଚା ପିଇ ଯାଇଛନ୍ତି ଟି! ହେଲେ ଏତେ ଲୋକପ୍ରିୟ ନେତାଙ୍କ ମନରେ କ'ଣ ରଘୁ କଥା ବସା ବାନ୍ଧି ରହିଥିବ ? ସେ ଚିହ୍ନି ପାରିଲେ ନାହିଁ। ରଘୁ ନିଜଆଡୁ ଚିହ୍ନା ଦେଲା, ମାଆ ଦେହ ଖରାପ କଥା କହିଲା। ସାହାଯ୍ୟ କରିବାପାଇଁ ସରପଞ୍ଚ ବାବୁଙ୍କ ହାତ ଗୋଡ ଧରି ନେହୁରା ହେଲା। ରଘୁର ଲୁହ ଆଉ କୋହ ଦେଖି ବୋଧହୁଏ ତରଳି ଗଲା ସରପଞ୍ଚଙ୍କ ମନ। ଅଟୋ ରିକ୍ସା ଟିଏ ବ୍ୟବସ୍ଥା କରିଦେଲେ ରଘୁ ପାଇଁ। ସେ ମୋର ନିଜ ଲୋକ ଆଉ ମାତ୍ର ହଜାର ଟଙ୍କାରେ ମା'କୁ ନେଇ ହସ୍ପିଟାଲରେ ପହଞ୍ଚାଇବାର ଦାୟିତ୍ୱ ସେଇ ଡ୍ରାଇଭରର ବୋଲି ବୁଝାଇଲେ ସରପଞ୍ଚ ବାବୁ। ହଜାରେ ଟଙ୍କା କଥା ଶୁଣି ଥତମତ ହେଲା ରଘୁ। 'ମାଆର ଚିକିତ୍ସା କରାଇବାକୁ ଆଣିଥିବା ଉଧାର ଟଙ୍କାକୁ ଗାଡି ପାଇଁ ଦେଇଦେଲେ ମାଆ ଭଲ ହେବ କେମିତି ? ମୋ ପାଖରେ ଏତେ ପଇସା ନାହିଁ ଏବେ। ତମର ତ ନିଜ ଅଟୋ ଭଡ଼ାରେ ଲାଗୁଛି। ମୋ ପାଇଁ ଟିକିଏ କମ୍ କର। ପରେ ମୁଁ ପଇସା ଶୁଝିଦେବି।' ସରପଞ୍ଚ ବାବୁଙ୍କ ହାବଭାବକୁ ପରଖି ଧିରେ ଧିରେ ତାଙ୍କ ସାମ୍ନାରୁ ହଟି ଆସିଲା ରଘୁ। ତା'ର ଲୁହ ଭର୍ତ୍ତି ଆଖିରେ କ୍ରମେ ଝାପସା ଦିଶିଲା ସରପଞ୍ଚଙ୍କ ତେରେଛା ହସର ମୁହଁ।
ରଘୁ ନିଜ ଟ୍ରଲି ରିକ୍ସାରେ ପାରିଦେଲା କନ୍ଥା ଖଣ୍ଡେ ଆଉ ତା' ଉପରେ ଧିରେ ଶୁଆଇପକାଇଲା ମାଆକୁ। ଘୋଡାଇ ଦେଲା ମାଆ ଉପରେ ଚାଦରଟେ। ମନେ ପଡିଲା ତା'ର ପିଲାଦିନେ ମାଆଠୁ ଶୁଣିଥିବା ଶ୍ରବଣ କୁମାର ଆଉ ତା ଅନ୍ଧ ବାପା ମାଆଙ୍କ କଥା। ରିକ୍ସା ଗଡାଇଲା ଆଗକୁ। ରାତି କେତେ ହେବ କେଜାଣି ପହଞ୍ଚିଗଲା ଯାଇଁ ଡାକ୍ତରଖାନାରେ ଏକା ନିଃଶ୍ୱାସକେ।
ଡାକ୍ତର ବାବୁ ମାଆକୁ ଦେଖୁ କ'ଣ ଦୁଇଟା ଇଞ୍ଜେକସନ ଦେଇ ଶୀଘ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯିବାକୁ କହିଲେ। ଏତେ ରାତିରେ ଆଉ କୌଣସି ଗାଡି ବ୍ୟବସ୍ଥା କରିବାକୁ ସେ ଚେଷ୍ଟା କରି ନଥିଲା। ଅଯଥା ସମୟ ନଷ୍ଟ ନକରି ବରଂ ସେଇ ଟ୍ରଲିରେ ମାଆକୁ ନେଇ ଶୀଘ୍ର ପହଞ୍ଚାଇବାକୁ ତତ୍ପର ହେଲା ରଘୁ। ମାଆର କ'ଣ ହୋଇଛି ବୋଲି ଡାକ୍ତବାବୁଙ୍କୁ ପଚାରିବାକୁ ତା'ର ତର ନଥିଲା। ମାଆ ପେଟ କେତେ ଦିନ ହେବ ବେଳେ ବେଳେ ବିନ୍ଧା ହୁଏ। ହେଲେ କଣ ସବୁ ତୁଟୁକା ମୁଟୁକା ଖାଇ ତାକୁ ଆରାମ ଲାଗେ ବୋଲି କହେ ମାଆ। ହେଲେ ଏବେ ତ ଜର। ଏଭଳି ଜର କେବେ ହୋଇନଥିଲା ମାଆକୁ। ଏମିତି ଭାବନା ଭିତରେ ରିକ୍ସା ଟାଣିବାରେ ନିଜର ସାମର୍ଥ୍ୟକୁ ସଂପୂର୍ଣ୍ଣ ଉପଯୋଗ କରି ଚାଲିଥିଲା ରଘୁ।
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଲା ବେଳକୁ ସକାଳ ହୋଇ ଆସିଥିଲା। ମାଆ ବୋଧହୁଏ ଶୋଇ ପଡ଼ିଛି। ଆଖି ଖୋଲିଲେ ମାଆ ଦେଖିବ ତା' ପୁଅ ଆଣି ପହଞ୍ଚେଇ ଦେଇ ପାରିଛି ତାକୁ ଠିକଣା ଜାଗାରେ। ଏଇଠି ନିଶ୍ଚୟ ସେ ଭଲ ହୋଇଯିବ। ମାଆ ଜାଣି ଖୁସି ହେବ ଯେ ତା'ର ବି ଶ୍ରବଣ କୁମାର ଭଳି ପୁଅଟିଏ ଅଛି।
ଧିର ସ୍ୱରରେ ମାଆକୁ ଡାକିଲା ରଘୁ। ମାଆ ଜବାବ ଦେଲାନି। ରଘୁ ଆଉଥରେ ଡାକିଲା। ତଥାପି ଉଁ କି ଚୁଁ କିଛି କହୁନି ମାଆ। ମନରେ ଛନକା ପଶିଲା। ମାଆ ବେହୋସ ହୋଇ ଯାଇଛି କି ? ମାଆକୁ ଟେକି ନେଇ ଡ଼ାକ୍ତରଖାନା ଭିତରକୁ ଯିବାକୁ ଚେଷ୍ଟା କଲା। ପାରିଲା ନାହିଁ। ଉର୍ଦ୍ଧଶ୍ୱାସକୁ ଚାପି ଆଉଥରେ ଚେଷ୍ଟା କରି ବି ବିଫଳ ହେଲା। ରିକ୍ସା ଟାଣିବାରେ ତା'ର ବଳ ହଟିଯାଇଛି ବୋଲି ମନେକଲା ସେ।
ଆଉଜଣେ ରିକ୍ସାବାଲାକୁ ହାତ ଓଠ ଧରି ନେହୁରା ହେଲା ତ ସେ ସାହାଯ୍ୟ କରିବାକୁ ଆଗେଇ ଆସିଲା।
ଆଶ୍ଚର୍ଯ୍ୟ! ଦୁଇ ଜଣ ମିଶି ବି ଗୋଟିଏ ରୋଗିଣା ସ୍ତ୍ରୀ ଲୋକକୁ ଉଠେଇ ପାରୁନଥିଲେ। ମାଆ ପାଦରେ ହାତ ବୁଲେଇଲା ରଘୁ। ଏତେ ହେମାଳ ଲାଗୁଛି କାହିଁକି... ?
ହାଉଳି ଖାଇଲା ରଘୁ ଆଉ ଜୋର ଜୋରରେ ଡାକି ଚାଲିଥିଲା ମା..ମାଆ... ମାଆ..ଆ.... ! ! !

ନୂଆପଡା, କଟକ

# ଚାପୁଡ଼ା

ସତ୍ୟନାରାୟଣ ପ୍ରଧାନ



ଶେଷରେ ଯାହାକୁ ଭଲ ବୋଲି ଗାଁ ଲୋକ ଆଗରୁ ଭାବି ଆସିଥିଲେ ତାହା ଓଲଟା ବୋଲି ପ୍ରମାଣିତ ହେବାକୁ ବେଶି ସମୟ ଲାଗି ନ ଥିଲା । ଗାଁ ଦାଣ୍ଡରେ ମୁହଁ ଉଚ୍ଚା କରି ଯାଉଥିବା ଲୋକମାନଙ୍କ ଭାଗ୍ୟରେ ତଳକୁ ଲେଖା ହୋଇଥିଲା । ପୁଅ କିନ୍ତୁ ଯାହା କରିଛି ପରିସ୍ଥିତିରେ ପଡି କରିଛି ବୋଲି ପରିବାର ଲୋକଙ୍କୁ ଯେତେ ବୁଝାଇଲେ ଆଉ କି ଲାଭ ଅଛି । ପରିଚୟ ନ ଥିବା ଝିଅକୁ ବୋହୂ ରୂପେ ସ୍ୱୀକାର କରି ସେ ଆଦୌ ଭଲ କଲାନାହିଁ ବୋଲି ସମସ୍ତଙ୍କ ମୁହଁରୁ ବାହାରି ପଡୁଥିଲା । ଝିଅଟି ବୋହୂ ହୋଇ ଆସିଲା ଦିନରୁ ଘର କାମ କରିବା ତ ଦୂରର କଥା ରୋଷେଇ ଘରକୁ ପାଦ ପକାଇବା ପାଇଁ କେବେ ଇଚ୍ଛା କରିନାହିଁ । ଯେତେ ହେଲେ ବି ବୋହୂ ହେଲା ପରେ ସମସ୍ତଙ୍କୁ ଆପଣାର ଭାବି ଚଳିବା ହେଉଛି ଗୋଟେ ନାରୀର ଧର୍ମ ଆଉ କର୍ତ୍ତବ୍ୟ । ତା ପାଖରେ ସେ ସବୁର ମାନସିକତା ତା ପାଖରେ ଅନେକ ଦିନ ଆଗରୁ ଲୋପ ପାଇ ଯାଇଥିଲା ।
ପୁଅକୁ ତା ବାପା ମାଆ ବୋହୂ ବିଷୟରେ ଜଣାଇଲେ କି ସେ ଦିନକୁ ଦିନ ଆହୁରି ପରିବାର ଲୋକଙ୍କୁ ଅସମ୍ମାନ କରିବାକୁ ପଛାଉ ନାହିଁ । ପୁଅ ଯେତେ ନିଜ ସ୍ତ୍ରୀକୁ ବୁଝାଇଲେ କୌଣସି ଫରକ ପଡୁ ନ ଥିଲା । ପୁଅ ବାପା ମାଆଙ୍କ ଠାରୁ ସବୁ କଥା ଶୁଣି କାହିଁକି ଏପରି କରୁଛ ବୁଝାଇଲା ବେଳେ ସେ ଶୁଣିବା ବଦଳରେ କଳି କରିବାକୁ ବାଛିଥିଲା । ସେ ଆଉ ରାଗ ସହି ସ୍ତ୍ରୀ ହେଉ ପଛେ ତା ଗାଲକୁ ଗୋଟେ ଶକ୍ତ ଚାପୁଡ଼ା ମାରିଥିଲେ । ସେଇଦିନ ଠାରୁ ତା ଭିତରେ ପରିବର୍ତ୍ତନର ଆଭାସ ଦେଖିବାକୁ ମିଳିଥିଲା । ଗୋଟେ ବୋହୂ ଯେପରି ତା ପରିବାର ସହିତ ଜୀବନ ଯାପନ କରେ ସେଭଳି ହେବାକୁ ବାଛି ନେଇଥିଲା । ବାପା ଥରେ ଖୁସିରେ ପୁଅକୁ ଡାକି କହିଲେ ଦେଖିଲୁ ଜୀବନରେ ଯାହା ପାଟିରେ ସମାପ୍ତ ହୁଏନାହିଁ ତାହା ଅନ୍ୟ ସମାଧାନ ହେବ ବୋଲି ବିକଳ୍ପ ବ୍ୟବସ୍ଥା ଭଗବାନ ହାତରେ ଲେଖା ହୋଇଛି। ସେଥିପାଇଁ କୌଣସି ପରିସ୍ଥିତି ଆଉ ନା କାହିଁକି ତାକୁ ନେଇ ଭାଙ୍ଗିଯିବା ବଦଳରେ ସାମ୍ନା କରିବା ଦରକାର ।

ସା /ପୋ - ଅଣ୍ଟିଆ
ଜିଲ୍ଲା - ଯାଜପୁର
ମୋ -୯୧୭୮୩୧୩୬୪୪

# ଫିଫା ମାନ୍ୟତା ତାଲିକା ୨୦୨୬ : ଶୀର୍ଷରେ ଫ୍ରାନ୍ସ, ୧୩୬ତମ ସ୍ଥାନରେ ଭାରତ




**ନୂଆଦିଲ୍ଲୀ**

ଫିଫା ମାନ୍ୟତା ତାଲିକାରେ ଫ୍ରାନ୍ସ ଦୁଇଟି ସ୍ଥାନ ଉପରକୁ ଉଠି ଶୀର୍ଷ ସ୍ଥାନ ହାସଲ କରିଛି। ସ୍ପେନ ଓ ଆର୍ଜେଣ୍ଟିନା ଗୋଟିଏ ଲେଖାଏଁ ସ୍ଥାନ ତଳକୁ ଖସି ଆସି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଫ୍ରାନ୍ସ ତା'ର ଶେଷ ୫ଟି ମ୍ୟାଚ୍‌ରେ ଗୋଟିଏ ଡ୍ର' ରଖିବାବେଳେ କ୍ରମାନ୍ୱୟରେ ୪ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ସେମିତି ୫ଟି ମ୍ୟାଚରୁ ୩ଟି ଜିତିଛି ଏବଂ ୨ଟି ଡ୍ର' ରଖିଛି। ଆର୍ଜେଣ୍ଟିନା ସମସ୍ତ ୫ଟି ମ୍ୟାଚ୍ ଜିତିଛନ୍ତି ବି ଗୋଟିଏ ସ୍ଥାନ ତଳକୁ ଖସି ଆସିଛି। ଭାରତୀୟ ଦଳର ୧୩୬ତମ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତ ଶେଷ ୪ଟି ମ୍ୟାଚରୁ ୨ଟି ଡ୍ର', ୨ଟି ପରାଜୟ ଏବଂ ଗୋଟିଏ ମ୍ୟାଚ୍ ଜିତିଛି। ଫଳରେ ଦଳର ମାନ୍ୟତାରେ ୫ଟି ସ୍ଥାନ ଉନ୍ନତି ଘଟିଛି। ଭାରତ ଉପରକୁ ଫିଲିପାଇନ୍ସ, କୁଏତ୍ ଓ କଙ୍ଗୋ ଦଳ ରହିଛନ୍ତି।

ମାଲେସିଆର ସର୍ବାଧିକ ୧୭ଟି ସ୍ଥାନ ଅବନତି ଘଟିଛି। ଦଳ ୧୩୮ତମ ସ୍ଥାନକୁ ଖସି ଆସିଛି। ଭିଏତନାମର ସର୍ବାଧିକ ୯ଟି ସ୍ଥାନ ଉନ୍ନତି ହୋଇଛି। ଫଳରେ ଦଳ (୯୯) ଶ୍ରେଷ୍ଠ ଶହେ ମଧ୍ୟରେ ପ୍ରବେଶ କରିଛି। ଇଂଲଣ୍ଡ ମାନ୍ୟତାରେ ଚତୁର୍ଥ, ପର୍ତ୍ତୁଗାଲ ଗୋଟିଏ ସ୍ଥାନ ଉନ୍ନତି ଘଟି ପଞ୍ଚମ, ବ୍ରାଜିଲ ଗୋଟିଏ ସ୍ଥାନ ଅବନତି ଘଟି ଷଷ୍ଠ ଏବଂ ନେଦରଲାଣ୍ଡସ, ମରୋକ୍କୋ, ବେଲଜିୟମ ଓ ଜର୍ମାନୀ ସପ୍ତମରୁ ଦଶମ ସ୍ଥାନରେ ରହିଛନ୍ତି।

# କୋଲକାତାକୁ ୬୫ ରନ୍‌ରେ ହରାଇଲା ହାଇଦ୍ରାବାଦ

**କୋଲକାତା**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)-୨୦୨୬ର ଷଷ୍ଠ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୬୫ ରନ୍‌ରେ ହରାଇଛି। ଇଡେନ୍ ଗାର୍ଡେନ୍‌ରେ ଗୁରୁବାର ହୋଇଥିବା ଏହି ମୁକାବିଲାରେ କୋଲକାତା ଟିମ୍ ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୧ ରନ୍ କରିପାରିଥିଲା। ଈଶାନ କିଶନଙ୍କ ନେତୃତ୍ୱରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୨୨୬ ରନ୍ ସଂଗ୍ରହ କରିଥିଲା। ଫଳରେ କୋଲକାତାକୁ ଏହି ମ୍ୟାଚ୍ ବିଜୟ ପାଇଁ ୨୨୭ ରନ୍‌ର ଲକ୍ଷ୍ୟ ମିଳିଥିଲା।




ହାଇଦ୍ରାବାଦ୍ ପାଇଁ ହେନ୍‌ରିକ୍ କ୍ଲାସେନ୍ ଅର୍ଦ୍ଧଶତକ ହାସଲ କରିଥିଲେ। ହାଇଦ୍ରାବାଦ ପାଇଁ ହେନ୍‌ରିକ୍ କ୍ଲାସେନ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୫ଟି ବଲ୍ ଖେଳି ୫୨ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୩ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା।

ହାଇଦ୍ରାବାଦ୍ ପାଇଁ ପ୍ରାରମ୍ଭିକ ବ୍ୟାଟର ଟ୍ରାଭିସ୍ ହେଡ୍ ଏବଂ ଅଭିଷେକ ଶର୍ମା ପ୍ରଥମ ୱିକେଟରେ ୮୨ ରନ୍ ଭାଗିଦାରୀ କରିଥିଲେ। ଟ୍ରାଭିସ୍ ହେଡ୍ ଆଉଟ୍ ହୋଇ ପାଭିଲିଅନ୍ ଫେରିଯିବା ପୂର୍ବରୁ ବ୍ୟକ୍ତିଗତ ଭାବେ ୪୬ ରନ୍ ସଂଗ୍ରହ କରିଥିଲେ। ସେ ୨୧ଟି ବଲ୍ ଖେଳି ୬ଟି ଚୌକା ଏବଂ ୩ଟି ଛକା ମଧ ମାରିଥିଲେ। ଅଭିଷେକ ଶର୍ମା ଦଳ ପାଇଁ ୪୮ ରନ୍ ସଂଗ୍ରହ କରିଥିଲେ। ସେ କୋଲକାତାର ତୃତୀୟ ୱିକେଟ୍‌ର ଶିକାର ହୋଇଥିଲେ। ୨୧ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ।

ଯୁବ ବ୍ୟାଟର ନିତିଶ କୁମାର ରେଡ୍ଡୀ ବ୍ୟକ୍ତିଗତ ଭାବେ ୩୯ ରନ୍ ସଂଗ୍ରହ କରିଥିଲେ। ସେ ୨୪ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଅଧିନାୟକ ଈଶାନ କିଶନ ୯ଟି ବଲ୍ ଖେଳି ୩ଟି ଛକା ସହାୟତାରେ ୧୪ ରନ୍ ସଂଗ୍ରହ କରିଥିଲେ। କୋଲକାତା ପାଇଁ ବ୍ଲେସିଂ ମୁଜରାବାନି ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ବୈଭବ ଅରୋରାଙ୍କୁ ୨ଟି ୱିକେଟ୍ ମିଳିଥିଲା। କାର୍ତ୍ତିକ ତ୍ୟାଗୀ ଏବଂ ଅନୁକୂଳ ରୟ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

# ୨୦୨୬ ଆଇପିଏଲରେ ଖେଳିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆରସିବି ବୋଲର

**ନୂଆଦିଲ୍ଲୀ**




ଆଇପିଏଲ ୨୦୨୬ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଶ୍ରୀଲଙ୍କାର ଦ୍ରୁତ ବୋଲର ନୁୱାନ ତୁଷାରା ଆଇପିଏଲ ୨୦୨୬ରେ ଅଂଶଗ୍ରହଣ କରିବା ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ସେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସଏଲସି) ବିରୁଦ୍ଧରେ ଏକ ମାମଲା ଦାୟର କରିଛନ୍ତି। ଫିଟ୍‌ନେସ୍ ପରୀକ୍ଷାରେ ବିଫଳ ହେବା ଯୋଗୁ ଶ୍ରୀଲଙ୍କା ବୋର୍ଡ ତାଙ୍କୁ (ଏନଓସି) ନୋ ଅବଜେକ୍ସନ ସାର୍ଟିଫିକେଟ ଦେବାକୁ ମନା କରିଦେଇଥିଲା, ଯାହା ଫଳରେ ତୁଷାରା ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଶ୍ରୀଲଙ୍କାର ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନୁୱାନ ତୁଷାରା ଶ୍ରୀଲଙ୍କା କ୍ରିକେଟ ବୋର୍ଡର ଏନଓସି ମନା କରିବାର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କଲମ୍ବୋ ଜିଲ୍ଲା କୋର୍ଟରେ ଏକ ମାମଲା ଦାୟର କରିଛନ୍ତି। ୩୧ ବର୍ଷୀୟ ତୁଷାରାଙ୍କୁ ଆଇପିଏଲ ୨୦୨୬ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ରିଟେନ୍ କରିଥିଲା। କିନ୍ତୁ ଏନଓସି ବିନା ସେ ଆଇପିଏଲରେ ଖେଳିପାରିବେ ନାହିଁ। ଏପରି ପରିସ୍ଥିତିରେ, ସେ ଶ୍ରୀଲଙ୍କା କ୍ରିକେଟକୁ ତାଙ୍କୁ ଏନଓସି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାକୁ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୯ରେ ହେବ।

# ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କଲେ ଦକ୍ଷିଣ ଆଫ୍ରିକାର ଟପ-ଅର୍ଡର ବ୍ୟାଟ୍‌ସମ୍ୟାନ

**ନୂଆଦିଲ୍ଲୀ**

କ୍ରିକେଟ ଜଗତ ବର୍ତ୍ତମାନ ଆଇପିଏଲ ୨୦୨୬ ଉପରେ ଧ୍ୟାନ ଦେଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍ ୨୮ ମାର୍ଚ୍ଚରୁ ଆରମ୍ଭ ହୋଇଛି ଏବଂ ପ୍ରତିଦିନ ପ୍ରମୁଖ ମ୍ୟାଚ୍ ଖେଳାଯାଉଛି। ଆଇପିଏଲ ୨୦୨୬ ମଧ୍ୟରେ ଦକ୍ଷିଣ ଆଫ୍ରିକାର ତାରକା ବ୍ୟାଟ୍‌ସମ୍ୟାନ ରାସି ଭେନ ଡର ଡୁସେନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟରେ ସେ ଘୋଷଣା କରିଛନ୍ତି ଯେ ସେ ଆଉ ଦକ୍ଷିଣ ଆଫ୍ରିକା ଜର୍ସି ପିନ୍ଧି ଖେଳିବେ ନାହିଁ।




ଡାହାଣହାତୀ ଟପ-ଅର୍ଡର ବ୍ୟାଟ୍‌ସମ୍ୟାନ ରାସି ଭେନ ଡର ଗତ କିଛି ମାସ ଧରି ଦକ୍ଷିଣ ଆଫ୍ରିକା ଦଳରୁ ବାହାରେ ଥିଲେ। ନିକଟରେ ଦକ୍ଷିଣ ଆଫ୍ରିକା କ୍ରିକେଟର କେନ୍ଦ୍ରୀୟ ଚୁକ୍ତିନାମାରୁ ତାଙ୍କ ନାମ ଗାଏବ୍ ହୋଇଯାଇଥିଲା। ଏବେ ସେ ଇନଷ୍ଟାଗ୍ରାମରେ ଏକ ଲମ୍ବା ବାର୍ତ୍ତାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ଲେଖିଛନ୍ତି, "ଗର୍ବ ଏବଂ କୃତଜ୍ଞତାର ସହିତ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ମୋର ଅବସର ଘୋଷଣା କରୁଛି। ପ୍ରୋଟିୟାସ ଜର୍ସି ପିନ୍ଧିବା ଆପଣଙ୍କ କ୍ଷମତା ଏବଂ ସମର୍ପଣର ପରୀକ୍ଷା କରେ ଏବଂ ଏହା ଆପଣଙ୍କୁ ପୁରସ୍କୃତ ମଧ୍ୟ କରେ। ମୋ ଦେଶ ପାଇଁ ଖେଳିବା ମୋ ଜୀବନର ସର୍ବୋତ୍ତମ ସମ୍ମାନ। ଏଥିରେ ବହୁତ ସମର୍ପଣ ଲାଗିଥିଲା, ଏବଂ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବା ପ୍ରତ୍ୟେକ ମୁହୂର୍ତ୍ତରେ ଗର୍ବର ବିଷୟ ହୋଇଛି।"

# ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ : ଆଜାଦ କ୍ଲବ ଚାମ୍ପିଅନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଓଡ଼ିଶା ଦିବସ ଅବସରରେ ସ୍ଥାନୀୟ ପୋଲିସ ପରେଡ୍ ପଡ଼ିଆରେ କିଚକେଶ୍ୱରୀ ଭଲିବଲ ଏକାଡେମୀ ଓ ଆରଆଇ, ପୋଲିସଙ୍କ ଆନୁକୂଲ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଜାଦ କ୍ଲବ, ପୋଲିସ ଟିମ୍, ଫାୟାର ଟିମ୍ ଓ କିଚକେଶ୍ୱରୀ ଭଲିବଲ ଦଳ ଅଂଶଗ୍ରହଣ କରିଥିବା ବେଳେ ଆଜାଦ କ୍ଲବ ୨-୧ ସେଟ୍‌ରେ ପୋଲିସ ଟିମ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ, ଆରଆଇ, ପୋଲିସ ଆଲୋକ କୁମାର କାନୁନଗୋ, ସାରଜେଣ୍ଟ ଗୌତମ ପ୍ରଧାନ, ଫାୟାର ଅଫିସର ଗଜେନ୍ଦ୍ର ସିଂହ, କ୍ରୀଡ଼ାବିତ୍ ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଦିବସ ଉପରେ ଆଲୋକପାତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଚାମ୍ପିଅନ ଓ ରନର୍ସଅପ ଦଳ ସହ ଶ୍ରେଷ୍ଠ ଖେଳାଳି ଭାବେ ସତ୍ୟଜିତ ବାରିକ, ଦେବୀପ୍ରସାଦ ବେହେରା ଓ ଗୁଡୁଙ୍କୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଜାତୀୟ ରେଫେରୀ ରାଜେଶ କୁମାର ଦାସ, ହରିହର ମଲ୍ଲିକ, ଦୀପକ କୁମାର ମୁଣ୍ଡା, ଦୀପକ ବେହେରା, ଚନ୍ଦ୍ରମୋହନ ଦଳେଇ, ସ୍ନେହାଶିଷ ଓ ପିନାକୀ ମହାନ୍ତି ଖେଳ ପରିଚାଳନା କରିଥିଲେ। ରାଜେନ୍ଦ୍ର ନାଥ ନାଏକ ସ୍କୋରିଙ୍ଗରେ ସହଯୋଗ କରିଥିବା ବେଳେ ଗଦାଧର ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ। ଏନଆଇଏସ କୋଚ୍ ମନୋରଞ୍ଜନ ଜୀଓ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଜାତୀୟ ସ୍ତରରେ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବେ ସୁବର୍ଣ୍ଣପୁର ଜିଲ୍ଲାର ଝରଣା ଓ ଅର୍ଚ୍ଚିତା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ମାର୍ଚ୍ଚ ୨୫ ଓ ୨୬ ତାରିଖରେ ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କନିଷ୍ଠ ବାଳିକା ବକ୍ସିଂ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘର ଝରଣା ନାଏକ ୧୭ ବର୍ଷରୁ କମ୍ ବାଳିକା ବର୍ଗ (୪୬କିଗ୍ରା)ରେ ପ୍ରଥମ ସ୍ଥାନ, ଓ ୧୯ ବର୍ଷରୁ କମ୍ ବାଳିକା ବର୍ଗ (୪୮ କିଗ୍ରା) ରେ ଅର୍ଚ୍ଚିତା ପଧାନ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରକୁ ଉନ୍ନୀତ ହୋଇଛନ୍ତି। ଆସନ୍ତା ଏପ୍ରିଲ ୪ ତାରିଖରେ ନାଗପୁରରେ ହେବାକୁ ଥିବା ଜାତୀୟ ସ୍ତରର ବକ୍ସିଂ ପ୍ରତିଯୋଗିତାରେ ଝରଣା ଓ ଅର୍ଚ୍ଚିତା ଭାଗ ନେବେ ଓ ଏହାର ଶ୍ରେୟ କୋଚ୍ ରାକେଶ କୁମାର ମେଣ୍ଡଲିଙ୍କୁ ଦିଆଯିବ ବୋଲି ସଂଘ ସଂପାଦକ ପୀୟୂଷ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଜିଲ୍ଲା କ୍ରୀଡ଼ା ସଂଘ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରତି ବର୍ଷ ସୋନପୁରର ଅନେକ ଖେଳାଳି ଫୁଟବଲ, ସାଇକିଲିଂ, କବାଡ଼ି, ଆଥ୍‌ଲେଟିକ୍ସ, ଖୋକୋ, ବକ୍ସିଂ, ଭଲିବଲ୍‌ରେ ରାଜ୍ୟ ସ୍ତରରୁ ମନୋନୀତ ହୋଇ ନ୍ୟାସନାଲ ଲେବେଲକୁ ମନୋନୀତ ହୋଇ ଜିଲ୍ଲା ପାଇଁ ସଫଳତା ଆଣିଛନ୍ତି। ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ପୀୟୂଷ କୁମାର ପଣ୍ଡା,



ଉପସଭାପତି ଚିତ୍ତ ରଞ୍ଜନ ତରାସିଆ, ସହକାରୀ ସଂପାଦକ ନନ୍ଦ କିଶୋର ତ୍ରିପାଠୀ, ଭଲିବଲ୍ ସଂପାଦକ ପୁରଶୋତ୍ତମ୍ ପାଣିଗ୍ରାହୀ, ଫୁଟବଲ ସଂପାଦକ ରାଜିବ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ କଇରୁ ସ୍ୱାଇଁ, ଦିଲ୍ଲୀପ ଗୁରୁ, ଭକୁଲୁ ବକ୍ସି, ଜୀତେନ୍ଦ୍ର ସାହୁ, ଗୋପାଳ ବରାଇ, ଆଦିତ୍ୟ କିଶୋର ଦାନୀ, ଜୟ ନାରାୟଣ ପାଢ଼ୀ, ସନତ ହୋତା, ବଳରାମ ପଟ୍ଟନାୟକ, ଗତିକୃଷ୍ଣ ମିଶ୍ର, ମନୋରଞ୍ଜନ ତ୍ରିପାଠୀ, ରାଜ କୁମାର ନାଏକ, ରବି ଦେହୁରୀ, ବି ଏସ ରାଓ, ଦିଗାମ୍ବର ଶତପଥି, କଲିମ୍ ମହମ୍ମଦ, ଭକ୍ତି ରଞ୍ଜନ ଦଳେଇ, ସୁଦର୍ଶନ ପଣ୍ଡା, ବିକାଶ ପଣ୍ଡା, କମଳା କାନ୍ତ ସାହୁ, ଧମା କଲେଜ ପିଇଟି ରାମ କୁମାର ସାହୁ ପ୍ରମୁଖ ଏ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତ।

# ଜାତୀୟ ମହିଳା ଉପକନିଷ୍ଠ ହକି : ଗୋଆ, ବେଙ୍ଗଲ୍, ଚଣ୍ଡିଗଡ଼ ଓ ଉତ୍ତରାଖଣ୍ଡର ବିଜୟ

**ରାଞ୍ଚି**

ରାଞ୍ଚିର ମାରଙ୍ଗ ଗୋମକେ ଜୟପାଲ ସିଂ ହକି ଷ୍ଟାଡିୟମରେ ଚାଲିଥିବା ଜାତୀୟ ମହିଳା ଉପକନିଷ୍ଠ ହକି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଗୋଆ, ବେଙ୍ଗଲ୍, ଚଣ୍ଡିଗଡ଼ ଓ ଉତ୍ତରାଖଣ୍ଡ ନିଜ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ଗୋଆ ୬-୩ରେ ତେଲେଙ୍ଗାନାକୁ ପରାସ୍ତ କରିଥିବାବେଳେ ବେଙ୍ଗଲ୍ ୧-୦ରେ ଦାଦ୍ରା ଓ ନଗର ହାବେଳି ଓ ଦାମନ ଓ ଦିଉକୁ ପରାସ୍ତ କରିଛି। ସେହିପରି ଚଣ୍ଡିଗଡ଼ ଏକ ତରଫା ଭାବେ ୧୨-୧ରେ ଗୁଜରାଟକୁ ଓ ଉତ୍ତରାଖଣ୍ଡ ୬-୧ରେ କର୍ଣ୍ଣାଟକକୁ ପରାସ୍ତ କରିଛି। ଏହି ପ୍ରତିଯୋଗିତା ଆସନ୍ତା ଏପ୍ରିଲ ୧୨ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା ସମେତ ୨୯ ଦଳ ଅଂଶଗ୍ରହଣ କରୁଛନ୍ତି। ଡିଭିଜନ 'ଏ'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ସିଧାସଳଖ ପ୍ରତିଯୋଗିତାର ଟାଇଟଲ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏହି ଡିଭିଜନରେ ଓଡ଼ିଶା ସମେତ ୧୨ ଦଳ ଅଛନ୍ତି ଓ ସେଗୁଡ଼ିକୁ ଚାରିଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ 'ବି'ରେ ଆସନ୍ତା ୬ ତାରିଖରେ ଆନ୍ଧ୍ରପ୍ରଦେଶକୁ ଭେଟିବ ଓଡ଼ିଶା।

# ସନ୍ତରଣରେ ଜିଲ୍ଲା ତଥା ରାଜ୍ୟର ଗୌରବ ବୃଦ୍ଧି କରିଥିବା କୃତୀ ପ୍ରତିଯୋଗୀଙ୍କୁ ସ୍ୱପ୍ନଜିତ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ବାପା ଅଜିତ ଲାଲ ମିଶ୍ର ବହିରା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଓ ମା' ସ୍ୱର୍ଣ୍ଣପ୍ରଭା ମହାପାତ୍ରଙ୍କ ସାନପୁଅ ସ୍ୱପ୍ନଜିତ୍ ସନ୍ତରଣ କ୍ଷେତ୍ରରେ ଜାତୀୟ ସ୍ତରରେ ପୁରସ୍କୃତ ହେବା ପରେ ସୁବର୍ଣ୍ଣପୁର ଜିଲ୍ଲାରେ ଖୁସିର ଲହର ଖେଳିଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଜିଲ୍ଲାପାଳ କାର୍ଯ୍ୟାଳୟରେ ସ୍ୱପ୍ନଜିତଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଛନ୍ତି। ସ୍ୱପ୍ନଜିତ ଅଷ୍ଟମ ଶ୍ରେଣୀରୁ ସୁବର୍ଣ୍ଣପୁର ବିଜୁପଟ୍ଟନାୟକ ସନ୍ତାରଣଗାରରେ ସ୍ୱିମିଂ ଅଭ୍ୟାସ କରି ଆସୁଥିବା ବେଳେ ବର୍ତ୍ତମାନ ଜାତୀୟ ସ୍ତରରେ ପୁରସ୍କୃତ ହୋଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କୋଚ ସଞ୍ଜୟ ପାଣ୍ଡେଙ୍କ ଅକ୍ଳାନ୍ତ ପରିଶ୍ରମରେ ଏହା ସମ୍ଭବ ହୋଇଥିବା ବେଳେ ମା'ଙ୍କ ପ୍ରେରଣା ପାଇଁ ସ୍ୱପ୍ନଜିତ ଆଜି ଏହି ସଫଳତା ପାଇଥିବା ଜଣାଯାଇଛି। ଜାତୀୟ ସ୍ତରରେ ବାଙ୍ଗାଲୋରରେ ୫୦ ମିଟର ବଟର ଫ୍ଲାଏ ସନ୍ତରଣ ପ୍ରତିଯୋଗିତାରେ ସିଲଭର ମେଡାଲ ପାଇ ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ଜିଲ୍ଲା ସ୍ତରରୁ ଏପରି ପ୍ରତିଭାଙ୍କୁ ପ୍ରୋତ୍ସାହିତ ରାଶି ଦେଇ ଉତ୍ସାହିତ କରିବା ସହିତ ଜିଲ୍ଲା ସନ୍ତରଣଗାରର ଉନ୍ନତି ହୋଇ ପାରିଲେ ଜିଲ୍ଲା ରେ ଏପରି ପ୍ରତିଭା ଆହୁରି ଚିହ୍ନଟ ହୋଇ ପାରିବେ। ଅଲମ୍ପିକ୍ସରେ ୨୮ଟି ମେଡାଲ ପାଇଥିବା ବିଶ୍ୱସ୍ତର ସନ୍ତରଣକାରୀ ମାଇକେଲ ଫେଲ୍ପସଙ୍କ ପରି ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି ସ୍ୱପ୍ନଜିତ। ଆଗକୁ ପୁଅ ଭୁବନେଶ୍ୱରରେ ପାଠ ପଢ଼ିବା ସହ ସନ୍ତରଣ ପ୍ରଶିକ୍ଷଣ କରି ଆଗକୁ ଆହୁରି ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ଆଶା ପ୍ରକଟ କରିଛନ୍ତି ତାଙ୍କ ମା' ସ୍ୱର୍ଣ୍ଣପ୍ରଭା।

# ଗଞ୍ଜେଇ ଚୋରା ଚାଲାଣ : ୬ ଗିରଫ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଧରିଲା ସୋହେଲା ପୋଲିସ। ଦୁଇଟି କାର୍ ଯୋଗେ ୨୦ କେଜି ୬ଶହ ଗ୍ରାମ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୋହେଲା ପୋଲିସ ଖବର ପାଇ ବରପାଲି ସୋହେଲା ରାସ୍ତା ପାଣିମୋରା ଛକରେ ଉକ୍ତ କାର୍‌କୁ ଧରିଥିଲା। ଉକ୍ତ କେସ୍‌ରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ଗଞ୍ଜେଇ ସହ ଏକ ପିସ୍ତଲ, ୩ଟି ଗୁଳି, ଦୁଇଟି ଇନୋଭା ଏବଂ ହୋଣ୍ଡା ଇମଜେ କାର, ଗୋଟିଏ ଏଚପି ଲାପଟପ୍, ରୂପା ବ୍ରାସଲେଟ, ରୂପା ଚେନ, ଦୁଇଟି ହାତ ଘଣ୍ଟା,୧୧ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ, ନଗଦ ୧୨ ହଜାର ୨୨୧ ଟଙ୍କା ଜବତ କରିଛି।



# ୫-୬ ବର୍ଷରେ ୧୩୦ ୱିକେଟ୍, ତଥାପି ଟି-ଟ୍ୱେଣ୍ଟି ବୋଲର ନୁହେଁ : ମହମ୍ମଦ ଶାମି

**ନୂଆଦିଲ୍ଲୀ**

ମହମ୍ମଦ ଶାମି ଗତ ବର୍ଷେ ଧରି ଭାରତର ଟି-ଟ୍ୱେଣ୍ଟି ଦଳରୁ ବାହାରେ ଅଛନ୍ତି। ସେ ସବୁଠାରୁ ଦ୍ରୁତତମ ୨୦୦ ଟି-ଟ୍ୱେଣ୍ଟି ୱିକେଟ୍ ନେଇଥିବା ଭାରତୀୟ ବୋଲର। ଟି-ଟ୍ୱେଣ୍ଟି ଫର୍ମାଟରେ ତାଙ୍କର ଏକ ଉତ୍କୃଷ୍ଟ ରେକର୍ଡ ମଧ୍ୟ ଅଛି। ଯଦିଓ ସେ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ କମ୍ ଦେଖାଯାଆନ୍ତି। ଗତ ଆଇପିଏଲ ସିଜିନରେ ତାଙ୍କର ପ୍ରଦର୍ଶନ ଆଶାନୁରୂପ ନଥିଲା, କିନ୍ତୁ ଏହା ପୂର୍ବରୁ, ଅନେକ ସିଜିନ ପାଇଁ ନିରନ୍ତର ଶ୍ରେଷ୍ଠ ୱିକେଟ୍ ନେଇଥିବା ଖେଳାଳିଙ୍କ ମଧ୍ୟରେ ରହିଥିଲେ। ୨୦୨୩ରେ ପର୍ପଲ କ୍ୟାପ୍ ମଧ୍ୟ ଜିତିଥିଲେ। ଏହା ସତ୍ତ୍ୱେ ତାଙ୍କୁ ଟି-ଟ୍ୱେଣ୍ଟି ବୋଲର ଭାବେ ବିବେଚନା କରାଯାଏ ନାହିଁ। ଭାରତୀୟ ଦଳକୁ ଫେରିବାକୁ ଚେଷ୍ଟା କରୁଛନ୍ତି। ଏକ



ପଡକାଷ୍ଟ ସମୟରେ ସେ ଟି-୨୦ ବିଶ୍ୱକପ୍ ପାଇଁ ମନୋନୀତ ନ ହେବା ନେଇ ନିଜର ଯନ୍ତ୍ରଣା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ୫-୬ ବର୍ଷ ମଧ୍ୟରେ ୧୩୦ ୱିକେଟ ନେବା ପରେ ବି କିଛି ମିଳିନାହିଁ। ଭଲ ପ୍ରଦର୍ଶନ ସତ୍ତ୍ୱେ, ତାଙ୍କୁ ଟି-୨୦ ବୋଲର ଭାବରେ ବିବେଚନା କରାଯାଏ ନାହିଁ।

ଶାମି ପ୍ରାୟ ଅଢେଇ ବର୍ଷ ହେବ ଟେଷ୍ଟ କ୍ରିକେଟରୁ ବାହାରେ ଅଛନ୍ତି। ହ୍ୱାଇଟ୍ ବଲ ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କର ଶେଷ ମ୍ୟାଚ୍ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଫାଇନାଲ ଥିଲା। ଯାହାକୁ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଜିତିଥିଲା। ଶାମି ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ମିଳିତ ଭାବରେ ସର୍ବାଧିକ ୱିକେଟ ନେଇଥିବା ବୋଲର ଥିଲେ। ସେବେଠୁ ସେ ଭାରତୀୟ ଦଳରୁ ବାହାରେ ଅଛନ୍ତି। ସେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ। ଗତବର୍ଷ ଏସିଆ କପ କିମ୍ବା ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ ପାଇଁ ତାଙ୍କୁ ଦଳରେ ସାମିଲ କରାଯାଇନଥିଲା। ଯାହାକୁ ନେଇ କିଛି କ୍ରିକେଟ ବିଶେଷଜ୍ଞ ଚୟନକର୍ତ୍ତାଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ। ଏବେ ୩୫ ବର୍ଷୀୟ ଶାମି ୨୦୨୭ ଦିନିକିଆ ବିଶ୍ୱକପରେ ଅଂଶଗ୍ରହଣ କରିବେ କି ନାହିଁ ତାହା ଉପରେ ସନ୍ଦେହ ରହିଛି। ୨୦୧୯ରୁ ୨୦୨୪ ଯାଏ ଶାମି ଆଇପିଏଲରେ ସର୍ବାଧିକ ୱିକେଟ ହାସଲକାରୀ ଭାରତୀୟ ଥିଲେ। ଗତବର୍ଷ ସେ କେବଳ ୬ଟି ୱିକେଟ ନେଇଥିଲେ।

ଆଇପିଏଲରେ ମହମ୍ମଦ ଶାମି ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଖେଳୁଛନ୍ତି। ସମସ୍ତଙ୍କ ନଜର ଲକ୍ଷ୍ନୌର ପେସ୍ ବୋଲର ମହମ୍ମଦ ଶାମିଙ୍କ ଯାଦବଙ୍କ ଉପରେ ରହିବା ନିଶ୍ଚିତ। ସାମି ଗତ ସିଜନରେ ଘରୋଇ କ୍ରିକେଟ୍‌ରେ ଘାତକ ବୋଲିଂ କରିଥିଲେ ହେଁ ଭାରତୀୟ ଦଳକୁ ଫେରି ପାରିନଥିଲେ। ରଣଜୀ ଟ୍ରଫିରୁ ଆରମ୍ଭ କରି ବିଜୟ ହଜାରେ ଟ୍ରଫି ଓ ସୟଦ ମୁସ୍ତାକ ଅଲି ଟି-ଟ୍ୱେଣ୍ଟି ପର୍ଯ୍ୟନ୍ତ ସବୁ ଫର୍ମାଟ୍‌ରେ ତାଙ୍କ ପ୍ରଦର୍ଶନ ବେଶ୍ ଉନ୍ନତ ରହିଥିଲା। ଏଥର ଆଇପିଏଲ୍ ଜରିଆରେ ସେ ପୁଣି ଥରେ ଚୟନକର୍ତ୍ତାଙ୍କୁ ଭୁଲ ପ୍ରମାଣିତ କରିବାକୁ ପ୍ରୟାସ କରିବେ।

# ଚୌଦ୍ୱାର ଜେଲରୁ କଏଦୀ ଫେରାର ଘଟଣା ଦୁର୍ଦ୍ଦାନ୍ତ ଅପରାଧୀ ରାଜା ସାହାଣୀ ଗିରଫ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପୁଲିସକୁ ମିଳିଲା ବଡ଼ ସଫଳତା। ଚୌଦ୍ୱାର ସର୍କଲ ଜେଲ ଫେରାର କଏଦୀ ଦୁର୍ଦ୍ଦାନ୍ତ ଅପରାଧୀ ରାଜା ସାହାଣୀଙ୍କୁ ବାନ୍ଧିଲା ପୁଲିସ। ଋଷିକେଶ ଅଞ୍ଚଳରେ ଲୁଚିଥିବା ବେଳେ ରାଜକୁ ଗିରଫ କରିଛି କମିଶନରେଟ୍ ପୁଲିସ ସ୍ପେଶାଲ ସ୍କ୍ୱାର୍ଡ। ବର୍ତ୍ତମାନ ରାଜାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି ପୁଲିସ। ପୂର୍ବରୁ ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ମଧୁକାନ୍ତ ରାଣାକୁ ଉତ୍ତର ପ୍ରଦେଶରୁ ଗିରଫ କରିଥିଲା କମିଶନରେଟ ପୁଲିସ। ସୂଚନାଯୋଗ୍ୟ, ୨୦୨୪ ଜାନୁଆରୀ ୪ ତାରିଖରେ ଯାଜପୁର ଜିଲ୍ଲା ପାଣିକୋଇଲି ଠାରେ ଥିବା ପଣ୍ଡା



ଅଳଙ୍କାର ଦୋକାନରେ ଲୁଟପାଟ ପାଇଁ ଦୁଇ ଜଣଙ୍କୁ ହତ୍ୟା କରିଥିଲେ ଅଭିଯୁକ୍ତ। ସେତେବେଳେ ସାଧାରଣ ଲୋକେ ଅଭିଯୁକ୍ତ ମଧୁକାନ୍ତ ରାଣା ଓ ରାଜା ସାହାଣୀକୁ ଘଟଣାସ୍ଥଳରୁ ଧରି ପୋଲିସର ଜିମା ଦେଇଥିଲେ। ଅନ୍ୟ ଦୁଇ ଅଭିଯୁକ୍ତ ବିକାଶ ରାୟ ଓ ଅନ୍ୟଜଣେ ଅଭିଯୁକ୍ତ ରଞ୍ଜିତ ଚୌଧୁରୀକୁ ପୋଲିସ ପରବର୍ତ୍ତୀ ସମୟରେ ଗିରଫ କରି ଜେଲ ପଠାଇ ଥିଲେ। ହେଲେ ଅକ୍ଟୋବର ୨ ତାରିଖରେ କଟକର ପ୍ରସିଦ୍ଧ ଦୁର୍ଗାପୂଜା ଭସାଣି ବେଳେ ଦୁଇ ଅଭିଯୁକ୍ତ ଜେଲ୍‌ରୁ ଚମ୍ପଟ ମାରିଥିଲେ। ପୂରା ସହରର ଭସାଣି ଉତ୍ସବରେ ଥିବା ବେଳେ ଏହି କଏଦୀ ଦୁଇ ଜଣ ଜେଲର ପାଚେରୀ ଡେଇଁ ଫେରାର ମାରିବାରେ ସକ୍ଷମ ହୋଇଥିଲେ। ତେବେ ଏତେ ବଡ଼ ଜେଲରୁ କିପରି ଦୁଇ ଜଣ ଅପରାଧୀ ଚମ୍ପଟ ମାରିଲେ, ସେତେବେଳେ ଏହାକୁ ନେଇ ଅନେକ ପ୍ରଶ୍ନ ଏବଂ ପୁଲିସ ବିଭାଗକୁ ସମାଲୋଚନା କରାଯାଇଥିଲା।

# ବ୍ରହ୍ମପୁର ମହାନଗର ନିଗମ ଇଲାକାରେ ଦୋକାନ ଘର ଭଡ଼ା ଆଦାୟ ନୈରାଶ୍ୟଜନକ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହରରେ ଶହ ଶହ ଦୋକାନ ଘର ରହିଛି। ସେଥିରେ ଘରୋଇ ଦୋକାନ ଘର ଥିଲେ ମଧ୍ୟ ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା ଦୋକାନ ଘର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଏଗୁଡ଼ିକରୁ ମହାନଗର ନିଗମ ନିୟମିତ ଭଡ଼ା ଆଦାୟ କରିବା କଥା। ହେଲେ ମହାନଗର ନିଗମ ତରଫରୁ ଯେଉଁ ଭଡ଼ା ଆଦାୟ ଧରି ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି ତାହା ଆର୍ଥିକ ବର୍ଷ ଶେଷ ସୁଦ୍ଧା ଛୁଇଁପାରୁନାହିଁ। ଦୋକାନ ଘର ଭଡ଼ା ଆଦାୟ ନୈରାଶ୍ୟଜନକ ରହୁଥିବାରୁ ମହାନଗର ନିଗମର ରାଜସ୍ୱ ହ୍ରାସ ହେଉଛି। ବାରମ୍ବାର ଏ ଦିଗରେ ଉଦ୍ୟମ ହେଉଥିଲେ ମଧ୍ୟ ସଫଳ ହୋଇପାରୁ ନାହିଁ। ବ୍ରହ୍ମପୁର ମହାନଗର ନିଗମର ୮୬୮ଟି ଷ୍ଟଲ୍ ଏବଂ ୨୩୬ଟି ଭେଣ୍ଡିଂ ୟୁନିଟ୍ ରହିଛି। ଏଭଳି ଭାବେ ମୋଟ ୧୧୦୪ଟି ଦୋକାନ ଘର ରହିଛି। ଯେଉଁମାନଙ୍କୁ ଦୋକାନ ଘର ଆବଣ୍ଟିତ ହୋଇଥିଲା, ସେମାନଙ୍କ ମଧ୍ୟରୁ ଅନେକ ଭଡ଼ାରେ ଲଗାଇ ଦେଇଛନ୍ତି। ବହୁ ବର୍ଷ ହେଲା ଭଡ଼ା ଦର ବଢ଼ିନାହିଁ। ଫଳରେ ମହାନଗର ନିଗମ ରାଜସ୍ୱ କ୍ଷତି ସହୁଛି। କର୍ପୋରେସନ୍ ଏବଂ ଟିକସ ସମ୍ପର୍କିତ ସବ୍ କମିଟି ବୈଠକରେ ଏ ସମ୍ପର୍କରେ ବହୁଥର ଆଲୋଚନା ମଧ୍ୟ ହୋଇଛି। କର୍ପୋରେଟରମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ କୋଟି ୩୭ ଲକ୍ଷ ୫୬ ହଜାର ଟଙ୍କାର ଦୋକାନ ଘର ଭଡ଼ା ବାବଦରେ ଆଦାୟ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ୨୦୨୫ ଏପ୍ରିଲ୍ ପହିଲାରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ମାତ୍ର ଏକ କୋଟି ୧୭ ଲକ୍ଷ ଟଙ୍କା ଆଦାୟ ହୋଇଥିଲା। ୨୦୨୬ ଜାନୁଆରୀ ପହିଲାରୁ ଆର୍ଥିକ ବର୍ଷ ଶେଷ ଅର୍ଥାତ୍ ମାର୍ଚ୍ଚ ୩୧ ତାରିଖ ଭିତରେ ଆଉ ୩୯ ଲକ୍ଷ ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଅର୍ଥାତ୍ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବମୋଟ ଏକ କୋଟି ୫୬ ଟଙ୍କାରେ ସୀମିତ ହୋଇଯାଇଛି ଦୋକାନ ଘର ଭଡ଼ା ଆଦାୟ। ଏହା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ୮୧ ଲକ୍ଷ ଟଙ୍କା କମ୍। କେବଳ ଏହି ଗୋଟିଏ ବର୍ଷ ନୁହେଁ, ପୂର୍ବ ବର୍ଷଗୁଡ଼ିକରେ ମଧ୍ୟ ଦୋକାନ ଘର ଭଡ଼ା ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଢ଼େର କମ୍ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଦୋକାନ ଘର ଭଡ଼ା ଆଦାୟ ମାତ୍ର ଏକ କୋଟି ୨୪ ଲକ୍ଷ ଟଙ୍କା ଥିଲା। କ୍ରମାଗତ ଭାବେ ଭଡ଼ା ଆଦାୟ କମ୍ ରହୁଥିବାରୁ ଉଦ୍‌ବେଗ ପ୍ରକାଶ ପାଉଛି। କିଛି ଦିନ ପୂର୍ବେ ମହାନଗର ନିଗମର ପ୍ରାକ-ବଜେଟ୍‌ରେ ଏନେଇ ଆଲୋଚନା ହୋଇ ଭଡ଼ା ଆଦାୟକୁ କଡ଼ାକଡ଼ି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅଢ଼େଇ କୋଟି ଟଙ୍କା ଭଡ଼ା ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା କେତେ ଦୂର ସଫଳ ହେବ, ତାହାକୁ ନେଇ ଆଶଙ୍କା ଲାଗି ରହିଛି। ଅନ୍ୟପଟେ ଭଡ଼ା ଆଦାୟକୁ ବ୍ୟାପକ କରିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଫେବୃୟାରୀ ପ୍ରଥମ ସପ୍ତାହରେ ୟୁପିଆଇ ଜରିଆରେ ଭଡ଼ା ଆଦାୟ କରିବାକୁ ନୂତନ ଅଭିଯାନ ହାତକୁ ନିଆଯାଇଛି। ଦୋକାନ ଘରଗୁଡ଼ିକ ସମ୍ମୁଖରେ କ୍ୟୁଆର କୋଡ୍ ଲଗାଯାଇଛି। ସେଥିପାଇଁ ସ୍ୱତନ୍ତ୍ର ଆକାଉଣ୍ଟ ମହାନଗର ନିଗମ ପକ୍ଷରୁ ଖୋଲା ଯାଇଛି। ଉକ୍ତ କ୍ୟୁଆର୍ କୋଡ୍ ଜରିଆରେ ୟୁପିଆଇ ବ୍ୟବସ୍ଥାରେ ଭଡ଼ା ଆଦାୟ ହେଉଛି। ମହାନଗର ନିଗମ ତରଫରୁ କ୍ୟୁଆର୍ କୋଡ୍ ବଣ୍ଟନ କାର୍ଯ୍ୟ ମଧ୍ୟ ଚାଲିଛି। ଆଗାମୀ ଦିନରେ କେବଳ ଦୋକାନ ଘର ନୁହଁ ବରଂ ରାସ୍ତାକଡ଼ର ଉଠା ଦୋକାନ ଗୁଡ଼ିକ ଠାରୁ ମଧ୍ୟ କ୍ୟୁଆର କୋଡ୍ ମାଧ୍ୟମରେ ଭଡ଼ା ଆଦାୟ କରିବାକୁ ଆଲୋଚନା ଚାଲିଛି। ଅପରପକ୍ଷେ ଅନେକ ବ୍ୟକ୍ତି ମହାନଗର ନିଗମ ଠାରୁ ଦୋକାନ ଘରକୁ ଭଡ଼ାରେ ଲଗାଇ ଦେଇଛନ୍ତି। ସେମାନଙ୍କ ଠାରୁ ହଜାର ହଜାର ଟଙ୍କା ଭଡ଼ା ଆଦାୟ କରୁଥିଲେ ମଧ୍ୟ ଠିକ୍‌ରେ ଭଡ଼ା ଦାଖଲ କରୁ ନାହାନ୍ତି। ଆଗାମୀ ଦିନରେ ଏହି ଅଭିଯାନକୁ କଡ଼ାକଡ଼ି କରାଯିବ ବୋଲି କୁହାଯାଉଛି।

32 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର,୩ ଅପ୍ରେଲ ୨୦୨୬ ଶୁକ୍ରବାର





# ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୋଗ୍ରାମ କୋଅର୍ଡିନେଟର ଗଙ୍ଗାଧର ମଲ୍ଲିକ, ପେଷ୍ଟିଂ କ୍ଲର୍କ କବିରାଜ ପଣ୍ଡା ଓ ଡ୍ରାଇଭର ରମେଶ ମଲ୍ଲିକଙ୍କୁ ଗୁରୁବାର ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଅଧ୍ୟକ୍ଷତା କରି ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସହ ତାଙ୍କର ଅନୁଭୂତିର ସ୍ମୃତିଚାରଣ କରିଥିଲେ। ସେମାନଙ୍କର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ଦାୟିତ୍ୱବୋଧକୁ ପ୍ରଶଂସା କରିବା ସହ ସେମାନେ ବିଭାଗ ପାଇଁ ଏକ ଆଦର୍ଶ ବୋଲି ଉଲ୍ଲେଖ କରିଥିଲେ। ସେ ସେବାନିବୃତ୍ତ କର୍ମଚାରୀମାନଙ୍କ ଦୀର୍ଘ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ।

ଉପଶାସନ ସଚିବ ପ୍ରଣବ କୁମାର ଦାସ ତାଙ୍କ ବକ୍ତବ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଦୀର୍ଘ ବର୍ଷର କାର୍ଯ୍ୟାନୁଭବ ଓ ବିଭାଗ ପ୍ରତି ସେମାନଙ୍କର ଅବଦାନକୁ ଉଲ୍ଲେଖ କରିଥିଲେ। ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସେମାନଙ୍କର ସହଯୋଗୀ ମନୋଭାବ, ଭାଇଚାରା ଓ ସମସ୍ତଙ୍କ ପ୍ରତି ସହାୟତାମୂଳକ ଭାବନାକୁ ପ୍ରଶଂସା କରିଥିଲେ। ଅନୁଶାସନ ସଚିବ ମୌସୁମୀ ଦାସ ଓ ଲୋକସମ୍ପର୍କ ଅଧିକାରୀ ସାଗରିକା ପ୍ରିୟଦର୍ଶିନୀ ସଂକ୍ଷିପ୍ତ ବକ୍ତବ୍ୟ ରଖିବା ସହ ସେବାନିବୃତ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇ ସୁଖମୟ ଅବସରଜୀବନ କାମନା କରିଥିଲେ। ଗଙ୍ଗାଧର ମଲ୍ଲିକ କବିରାଜ ପଣ୍ଡା ଓ ରମେଶ ମଲ୍ଲିକ ସେମାନଙ୍କର ଚାକିରି ଜୀବନର ସ୍ମୃତିଚାରଣ କରିଥିଲେ। ନିଜ ନିଜର ଅନୁଭବ ଓ ଅନୁଭୂତି ବଖାଣିବା ସହ ସେମାନେ ବିଭାଗର ସହକର୍ମୀମାନଙ୍କୁ ସେମାନଙ୍କର ସହଯୋଗୀ ମନୋଭାବ ଏବଂ ବନ୍ଧୁତା ପାଇଁ ଧନ୍ୟବାଦ ଜଣାଇଥିଲେ।

# ସାବେରୀ ନଦୀରେ କୁମ୍ଭୀର ଭୟ ଭିତରେ ମୃତ୍ୟୁ ସହ ଖେଳ, ଶହେ ବର୍ଷ ପରେ ବି ପୋଲ ସ୍ୱପ୍ନ

କୋରାପୁଟ, ନ୍ୟୁଜ

ଜୀବନ ଯେତେବେଳେ ଜଳରେ ବାଜି ଲାଗେ ! କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକରୁ ଆସିଛି ଏଭଳି ଏକ ଚିତ୍ର, ଯାହା ଶାସନ ଓ ପ୍ରଶାସନର ବିକାଶର ନଗ୍ନ ରୂପକୁ ପଦାରେ ପକାଇଛି। ଶହ ଶହ ବର୍ଷ ପରେ ବି ସାବେରୀ ନଦୀରେ ପୋଲଟିଏ ନାହିଁ। ଦଦରା ଡଙ୍ଗା, କୁମ୍ଭୀର ଭୟ ଆଉ ଶୂନ୍ୟ ସୁରକ୍ଷା ବଳୟରେ ନିତିଦିନ ମୃତ୍ୟୁ ସହ ଖେଳୁଛନ୍ତି ଦୁରୁଆ ସଂପ୍ରଦାୟର ଲୋକେ। ସାବେରୀ ନଦୀରେ 'ମରଣ' ଯାତ୍ରା ! ପୋଲ ନାହିଁ କି ସୁରକ୍ଷା ନାହିଁ. ଦଇବ ଦୁର୍ବଳକୁ କୁମ୍ଭୀର ଆତଙ୍କ, ବିପଦରେ ୮ ଗାଁର ଲୋକ । କୌଣସି ଜଳକ୍ରୀଡ଼ା ନୁହେଁ, ବରଂ ବଞ୍ଚିବା ପାଇଁ ନିତିଦିନିଆ ସଂଘର୍ଷ... ପାଦେ ପାଦେ ବିପଦ, ଆଉ ଆଖି ଆଗରେ ଅଘଟଣର ଭୟ। ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଥିବା ସାବେରୀ ନଦୀ ଏବେ ସ୍ଥାନୀୟ ଜନଜାତିଙ୍କ ପାଇଁ ଅଭିଶାପ ପାଲଟିଯାଇଛି। ବୈପାରୀଗୁଡ଼ା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତର ତାଲୁର, କେନ୍ଦୁଗୁଡା, ଗୟଲକୁଣ୍ଡ, ଶିରିବେଡ଼ା ଓ ଘୋଡ଼ାଘାଟ ଭଳି ପ୍ରାୟ ୮ଟି ଗାଁର ଲୋକ ସରକାରୀ ଅବହେଳାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳର ଦୁରୁଆ ସଂପ୍ରଦାୟର ଶହ ଶହ ଲୋକଙ୍କ ସଂପର୍କୀୟ ଛତିଶଗଡ଼ ଓ କୋଟପାଡ଼ରେ ରୁହନ୍ତି। ପର୍ବପର୍ବାଣି ହେଉ କି ସୁଖଦୁଃଖ, ଯିବା ଆସିବା ପାଇଁ ସାବେରୀ ନଦୀ ହିଁ ଏକମାତ୍ର ବାଧକ। ଦୈନିକ ବ୍ୟବସାୟ ପାଇଁ ଛତିଶଗଡ଼ରକୁ ଯାଉଥିବା ଲୋକେ ଜୀବନକୁ ବାଜି ଲଗାଇ ଦଦରା ଡଙ୍ଗାରେ ନଈ ପାର ହେଉଛନ୍ତି। ଏପଟେ ନଦୀରେ କୁମ୍ଭୀରଙ୍କ ଆତଙ୍କ, ସେପଟେ ସୁରକ୍ଷା ପାଇଁ ନାହିଁ ଲାଇଫ୍ ଜ୍ୟାକେଟ୍। ଡଙ୍ଗାଟି କେତେବେଳେ ଯେ, ଓଲଟି ପଡ଼ି ଅଘଟଣ ଘଟିଯିବ, ତାହା କେହି କହିପାରିବେ ନାହିଁ।' ବହୁବାର ଗୁହାରି କରିବା ପରେ ବି ପ୍ରଶାସନ ନିଦ୍ରାହୀନ।




# ଖୋର୍ଦ୍ଧା ରୋଡ୍ ମଣ୍ଡଳର ୨୦୨୫-୨୬ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

୨୦୨୫-୨୬ ଆର୍ଥିକ ବର୍ଷରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅସାଧାରଣ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରି ସର୍ବକାଳୀନ ସର୍ବାଧିକ ୩୨୨.୭୩ ନିୟୁତ ଟନ୍ ସମୁଦାୟ ଟ୍ରାଫିକ୍ ଏବଂ ୧୭୬.୧୧ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହା ପୂର୍ବବର୍ଷ ତୁଳନାରେ ୭.୫ ଶତକଡ଼ା ବୃଦ୍ଧିକୁ ସୂଚିତ କରେ। ମଣ୍ଡଳର ମୂଳ ଆୟ ୧୫,୯୪୧ କୋଟି ଟଙ୍କା ହୋଇଥିବା ବେଳେ, ଯାତ୍ରୀ ପରିବହନରେ ୫୨.୮୨ ମିଲିୟନ୍ ଯାତ୍ରୀ ଯାତାୟାତ ଏବଂ ୧,୩୭୧.୯୭ କୋଟି ଟଙ୍କା ଆୟ କରି ରେକର୍ଡ କରିଛି।

ଏହି ଆର୍ଥିକ ବର୍ଷ ଅବଧିରେ ୬୦ କି.ମି. ନୂତନ ରେଳପଥ/ଟ୍ରାକ୍ କମିଶନିଂ କରାଯାଇଥିବାବେଳେ, ୧୫୦ କି.ମି. ରୁଟ୍‌ରେ ଟ୍ରେନ୍ ଗତି ୧୧୦ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାସହ ୨ଟି ରୋଡ୍




ଓଭର ବ୍ରିଜ୍ କମିଶନିଂ ହୋଇଥିବା ସହ ୨୧୯ କି.ମି. ସୁରକ୍ଷା ବାଡ଼ କାମ ସମାପ୍ତ ହୋଇଛି।

୧୮ଟି ଲେଭେଲ୍ କ୍ରସିଂ ଗେଟ୍‌ରେ ଆଧୁନିକ ଆଧୁନିକ ଇଣ୍ଟରଲକିଂ ଓ ସିଗ୍ନାଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ଯାହାଫଳରେ ପରିଚାଳନାଗତ ନିର୍ଭରଯୋଗ୍ୟତା ବୃଦ୍ଧି ପାଇଛି ଏବଂ ବିଫଳତା ହାର ୩୦ ପ୍ରତିଶତ କମିଛି।

ଯାତ୍ରୀ ସୁବିଧାକୁ ଆହୁରି ସୁଦୃଢ଼ କରିବା ପାଇଁ ଲିଫ୍ଟ, ଏସ୍କେଲେଟର, ସ୍ୱୟଂଚାଳିତ ଟିକେଟ୍ ବିକ୍ରୟ ଯନ୍ତ୍ର ସୁବିଧା ପ୍ରଦାନ କରାଯାଇଥିବା ସହ ମୋବାଇଲ୍ ଟିକେଟିଂ ବ୍ୟବସ୍ଥାକୁ ବିସ୍ତାର କରାଯାଇଛି। ଏହାସହ ଯାତ୍ରୀ ଅଭିଯୋଗଗୁଡ଼ିକର ୧୦୦ ଶତାଂଶ ସମାଧାନ ସୁନିଶ୍ଚିତ କରାଯାଇଛି। ରୋଲିଂ ଷ୍ଟକ୍‌ର ସୁରକ୍ଷା ଓ ରକ୍ଷାବେକ୍ଷଣକୁ ଆହୁରି ସକ୍ତିଶାଳୀ କରିବା ପାଇଁ ହଟ୍ ଏକ୍ସେଲ୍ ଡିଟେକ୍ସନ୍ ସିଷ୍ଟମ୍, ହ୍ୱିଲ୍ ଇମ୍ପାକ୍ଟ ଲୋଡ୍ ଡିଟେକ୍ଟର୍ ଏବଂ ଅଗ୍ନି ଚିହ୍ନଟ ଓ ନିରୋଧକ ବ୍ୟବସ୍ଥା ସ୍ଥାପନ କରାଯାଇଛି।

ପୁରୀ କୋଚିଂ ଡିପୋ ଏବଂ ଅନୁଗୁଳ ଆରଓଏଚ ଡିପୋର କ୍ଷମତା ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାସହ ମଣ୍ଡଳ ପକ୍ଷରୁ ୧୪.୭ ମେଗାୱାଟ୍ ସୌର ଶକ୍ତି କ୍ଷମତା ଯୋଡ଼ାଯାଇଥିବା ସହ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି।

ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ୍ କହିଛନ୍ତି ଯେ, ଭିତ୍ତିଭୂମିକୁ ସୁଦୃଢ଼ କରିବା, ସୁରକ୍ଷାମୂଳକ ପଦକ୍ଷେପ ଓ ଆଧୁନିକୀକରଣ ମାଧ୍ୟମରେ ମଣ୍ଡଳ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପରିଚାଳନାଗତ ଦକ୍ଷତା ଓ ଯାତ୍ରୀ ସେବାକୁ ଆହୁରି ଉନ୍ନତ କରିବା ପାଇଁ ମଣ୍ଡଳ ସଦା ସର୍ବଦା ପ୍ରତିବଦ୍ଧ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରକାରୀ ଅନୁଷ୍ଠାନଗୁଡ଼ିକୁ...

ପ୍ରତିଷ୍ଠାନକୁ ତୁରନ୍ତ ପିଏନଜି ସଂଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତୁରନ୍ତ ଅନୁମତି ପ୍ରଦାନ କରିବ। ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀ ସହରରେ ପିଏନଜି ସଂଯୋଗ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ଏଜେନ୍ସିଗୁଡ଼ିକୁ ଡିଏସି(ଡେଲିଭରି ଅଥେଣ୍ଟିକେସନ କୋଡ) ବ୍ୟବସ୍ଥାକୁ ଶତପ୍ରତିଶତ କଡ଼ାକଡ଼ି କରିବା ଏବଂ ବାୟୋମେଟ୍ରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା କି ଗ୍ରାହକମାନେ 'ଘୋଷ୍ଟ ଡେଲିଭରି' (ମିଥ୍ୟା ମେସେଜ୍)ର ଶିକାର ହେବେନି। ସେହିପରି ପାଇପ ଲାଇନ ଯୋଗେ ସହରର ବିଭିନ୍ନ ଗୃହ, ଶିଳ୍ପାଞ୍ଚଳ ଓ ପ୍ରତିଷ୍ଠାନକୁ ବାଣିଜ୍ୟିକ ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ସୁଦୃଢ଼ କରିବାକୁ ସେ ବୈଠକରେ କହିଥିଲେ। ଜନସାଧାରଣ ଆଦୌ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସରକାର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଜରିଆରେ ସ୍ଥିତି ଉପରେ ନଜର ରଖିଥିବା ସେ ସୂଚନା ଦେଇଛନ୍ତି। ତୈଳ ଓ ଗ୍ୟାସ୍ କମ୍ପାନୀ ଅଧିକାରୀମାନେ ଜଣାଇଥିଲେ ଯେ ସେମାନେ ପ୍ରତିଦିନର ତଥ୍ୟ ଉପସ୍ଥାପନ କରୁଛନ୍ତି। କେତେ ଗ୍ୟାସ୍ ମହଜୁଦ ଅଛି ସେ ବିଷୟରେ ଯୋଗାଣ ବିଭାଗକୁ ତଥ୍ୟ ଦେଉଛନ୍ତି। ପାଞ୍ଚ ଦିନର ଗ୍ୟାସ୍ ଷ୍ଟକ ରହୁଛି। ବିଦ୍ୟାଳୟ, ଅଙ୍ଗନୱାଡ଼ି, ଆହାରକେନ୍ଦ୍ର ଓ ଡାକ୍ତରଖାନା ପରି ସରକାରୀ ଅନୁଷ୍ଠାନଗୁଡିକୁ ଅଗ୍ରାଧିକାର ଭିତ୍ତିରେ ଗ୍ୟାସ୍ ଯୋଗାଇ ଦିଆଯାଉଛି।

## ଖୁବ୍ ଶୀଘ୍ର ଆସିବ କନ୍ୟା...

ସରକାର ଲକ୍ଷାଧିକ ଟଙ୍କା ଦେଇ ସାରିଥିବେ। ଏହି ଯୋଜନାରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ବଜେଟରେ ଘୋଷଣା ହୋଇଥିବା ୩ଟି ଯୋଜନା ପାଇଁ ଏସଓପି ଆସିବ ବୋଲି ସେ କହିଛନ୍ତି।

## ୧୬ରୁ ସଂସଦର ସ୍ୱତନ୍ତ୍ର...

ହୋଇପାରେ। ସୂଚନା ଅନୁସାରେ, ଜାନୁଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ବଜେଟ୍ ଅଧିବେଶନ ଗୁରୁବାର ଶେଷ ହେବାର ଥିଲା। କିନ୍ତୁ ସରକାର ଏହାକୁ କିଛି ଦିନର ବିରତି ପରେ ପୁଣି ଥରେ ଆରମ୍ଭ କରିବାକୁ ଚାହୁଁଛନ୍ତି। ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ସଦନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ନକରି ଏକ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିପାରନ୍ତି। ଅଧିକାଂଶ ସମ୍ଭାବନା ରହିଛି ଯେ, ଏପ୍ରିଲ୍ ୧୬ରୁ ୧୮ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଆଲୋଚନା ଚାଲିବ।

ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି 'ନାରୀ ଶକ୍ତି ବନ୍ଦନ ଅଧିନିୟମ'ରେ ଆବଶ୍ୟକ ସଂଶୋଧନ କରି ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା। ନୂତନ ରୂପରେଖ ଅନୁସାରେ ଲୋକସଭା ଆସନ ସଂଖ୍ୟା ୫୪୩ରୁ ବୃଦ୍ଧି ପାଇ ୮୧୬ ହୋଇପାରେ। ଏହି ୮୧୬ଟି ଆସନ ମଧ୍ୟରୁ ୨୭୩ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ସରକାରଙ୍କ ଯୁକ୍ତି ହେଉଛି ଯେ, ଯଦି ୨୦୨୯ ନିର୍ବାଚନରେ ମହିଳା ସଂରକ୍ଷଣ ଲାଗୁ କରିବାର ଅଛି, ତେବେ ପରିସୀମା ନିର୍ଦ୍ଧାରଣ କମିଶନ ତୁରନ୍ତ ଗଠନ କରିବାକୁ ପଡ଼ିବ। ଅନ୍ୟପଟେ ବିରୋଧୀ ଦଳଗୁଡ଼ିକ ବିଧାନସଭା ନିର୍ବାଚନ ପରେ ଏହି ବିଲ୍ ଆଣିବାକୁ ଏବଂ ସର୍ବଦଳୀୟ ବୈଠକ ଡକାଇବାକୁ ଦାବି କରୁଛନ୍ତି।

## ହର୍ମୁଜ ପାଇଁ ଏକାଠି ବସିଲେ...

ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ, ଉପସାଗରୀୟ ଅଞ୍ଚଳରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣରେ ଭାରତ କ୍ଷତି ସହିଛି ଏବଂ ଭାରତୀୟ ନାବିକଙ୍କ ଜୀବନ ହାନି ହୋଇଛି, ଯାହା ସଙ୍କଟକୁ ଆହୁରି ତୀବ୍ର କରିଛି। ସେ ଆହୁରି କହିଥିଲେ ଯେ, ଭାରତ ହେଉଛି ଏକମାତ୍ର ଦେଶ ଯିଏ ତା'ର ନାବିକମାନଙ୍କୁ ହରାଇଛି। ପୂର୍ବରୁ ରଣଧୀର ଜୟସ୍ୱାଲ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭାରତର ଅଂଶଗ୍ରହଣକୁ ନିଶ୍ଚିତ କରିଥିଲେ। ସେ କହିଥିଲେ ଯେ ଭାରତକୁ ୟୁକେ ଦ୍ୱାରା ଅଂଶଗ୍ରହଣ ପାଇଁ ନିମନ୍ତ୍ରଣ କରାଯାଇଛି ଏବଂ ବିକ୍ରମ ମିଶ୍ରି ଭାରତର ପ୍ରତିନିଧିତ୍ୱ କରିବେ। ଜୟସ୍ୱାଲ ଏହା ମଧ୍ୟ କହିଛନ୍ତି ଯେ ଭାରତ ଇରାନ ସମେତ ପ୍ରାସଙ୍ଗିକ ଦେଶଗୁଡ଼ିକ ସହିତ ନିରନ୍ତର ଯୋଗାଯୋଗରେ ଅଛି, ଯାହାଦ୍ୱାରା ଦେଶକୁ ଏଲଏନଜି, ପିଏନ୍‌ଜି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଶକ୍ତି ଉତ୍ପାଦ ପରିବହନ କରୁଥିବା ଭାରତୀୟ ଜାହାଜ ଗୁଡ଼ିକର ନିରାପଦ ପଥ ସୁନିଶ୍ଚିତ ହୋଇପାରିବ। ସେ କହିଛନ୍ତି ଯେ ଅନେକ ଦିନ ଧରି ଆଲୋଚନା ଚାଲିଛି ଏବଂ ଏପର୍ଯ୍ୟନ୍ତ ଛଅଟି ଭାରତୀୟ ଜାହାଜ ସଫଳତାର ସହିତ ହରମୁଜ୍ ପ୍ରଣାଳୀ ଦେଇ ଗତି କରିଛି । ସେହିପରି ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ଇରାନରୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇ ଥିବା ଭାରତୀୟ ନାଗରିକଙ୍କ ସଂଖ୍ୟା ବିଷୟରେ କହିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ମଧ୍ୟରେ ଇରାନରୁ ୧୨୦୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ଇରାନ ଓ ଆମେରିକା ମଧ୍ୟରେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ ଲାଗି ରହିଛି। ଏହି ସମୟରେ ଇରାନ ଓ ଉପସାଗରୀୟ ଦେଶଗୁଡ଼ିକରେ ବହୁ ସଂଖ୍ୟାରେ ଭାରତୀୟ ରହୁଛନ୍ତି। ସେଠାରୁ ସେମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଉଛି। ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜାୟସ୍ୱାଲ କହିଛନ୍ତି ଯେ, ଏହି ସୁରକ୍ଷିତ ସ୍ଥାନାନ୍ତର କରିବା ଆର୍ମେନିଆ ଓ ଅଜରବୈଜାନର ରାସ୍ତା ମଧ୍ୟ ଦେଇ କରାଯାଉଛି, ଯେଉଁଥିରେ କେନ୍ଦ୍ର ଗ୍ରାଉଣ୍ଡ ସ୍ତରରେ ପ୍ରୟାସକୁ ଅତି ଧ୍ୟାନର ସହ କରୁଛି। ସେ କହିଥିଲେ, ପାଖାପାଖି ୧୨୦୦ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି, ଯେଉଁଥିରୁ ୮୪୫ ଜଣ ଛାତ୍ରଛାତ୍ରୀ ଅଛନ୍ତି। ସେ ଆହୁରି କହିଛନ୍ତି, ୯୯୬ ଲୋକ ଆର୍ମେନିଆ ଚାଲି ଯାଇଛନ୍ତି ଏବଂ ୨୦୪ ଅଜରବୈଜାନ, ଯେଉଁଠି ବୈଦେଶିକ ମନ୍ତ୍ରଣାଳୟ ତାଙ୍କର ସାହାଯ୍ୟ କରୁଛି। ମୁଖପାତ୍ର କହିଛନ୍ତି ଯେ, ମନ୍ତ୍ରଣାଳୟ ନାଗରିକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଆର୍ମେନିଆ ଓ ଅଜରବୈଜାନ, ଉଭୟ ସ୍ଥାନରେ ଭାରତୀୟ ମିଶନ ଓ ସ୍ଥାନୀୟ ଅଧିକାରୀଙ୍କ ସହ ମିଶି କାମ କରୁଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାରତ ପ୍ରତ୍ୟାବର୍ତ୍ତନ ପୂର୍ବରୁ, ରାସ୍ତାରେ ଉଦ୍ଧାର ଲୋକଙ୍କ ସାହାଯ୍ୟ ପାଇଁ ଜରୁରି ବନ୍ଦୋବସ୍ତ କରାଯାଇଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ସ୍ତରୀୟ ନେତାଙ୍କ ସହ କଥାବାର୍ତ୍ତା ହୋଇଥିଲେ, ଯାହାକି ପଶ୍ଚିମ ଏସିଆରେ ଚାଲୁଥିବା ସଂଘର୍ଷ ସହ ପ୍ରମୁଖ ଅନ୍ତର୍ଜାତୀୟ ଘଟଣାକ୍ରମ ଉପରେ ଆଲୋଚନା କରାଯାଇ ପାରିବ। ଏହି ବିଷୟରେ କଥା ହୋଇ ଜାୟସ୍ୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ଏହି ସମୟରେ ସାରା ବିଶ୍ୱର ବିଭିନ୍ନ ଦେଶର ନେତାଙ୍କ ସହ ଆଲୋଚନା କରୁଛନ୍ତି। ଏହି କ୍ରମରେ , ୨୮ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ସାଉଦି ଆରବର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ସହ କଥା ହୋଇଥିଲେ।

## ପ୍ରଥମ ଦିନରେ ସ୍ୱଜନଗଣନା...

ବିଭିନ୍ନ ବିଭାଗର ସଚିବ ଓ ଉନ୍ନୟନ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ଆତ୍ମ ଗଣନା ପ୍ରକ୍ରିୟାରେ ଅଧିକରୁ ଅଧିକ ସାମିଲ ହେବା ପାଇଁ ଉଭୟ ମୁଖ୍ୟ ଶାସନ ସଚିବ ଓ ଜନଗଣନା ନିର୍ଦ୍ଦେଶକ ନାଗରିକମାନଙ୍କୁ ଅପିଲ କରିଛନ୍ତି। ଏପ୍ରିଲ ୧ରୁ ରାଜ୍ୟରେ ଡିଜିଟାଲ୍ ଜନଗଣନା ଆରମ୍ଭ ହୋଇଛି। ପ୍ରଥମ ଥର ପାଇଁ ଡିଜିଟାଲ ମାଧ୍ୟମରେ ନିଜେ ନିଜେ ଜନଗଣନା କରିପାରିବେ। ଜଣଗଣନାରେ ତଥ୍ୟ ଗୋପନୀୟ ରହିବ। ଜନଗଣନା ପାଇଁ ସରକାର ୩୩ଟି ପ୍ରଶ୍ନ ପ୍ରସ୍ତୁତ କରିଛନ୍ତି। ଘର, ପରିବାର, ପରିବାରର ମୁଖ୍ୟ, ଗାଡ଼ି, ଜମିବାଡ଼ି, ଏଲ୍‌ପିଜି ଆଦି ବିଭିନ୍ନ ତଥ୍ୟ ସରକାରଙ୍କୁ ଦିଆଯିବ। ଜାତିଗତ ତଥ୍ୟକୁ ମଧ୍ୟ ଜନଗଣନାରେ ସାମିଲ କରାଯାଇଛି। ୧୫ ଦିନ ଯାଏଁ ଡିଜିଟାଲ୍ ମାଧ୍ୟମରେ ଜନଗଣନା ହେବ। ୧୬ ତାରିଖ ଠାରୁ ଅଧିକାରୀମାନେ ଘରକୁ ଘର ଯାଇ ଜନଗଣନା କରିବେ।

# ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କ ଚାକିରି ନିୟମିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟରେ ବିଭିନ୍ନ ଜିଲ୍ଲାର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ଚାକିରି ନିୟମିତୀକରଣ କରାଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୨୦୨୩-୨୪ରେ ବିଧିବଦ୍ଧ ଭାବେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ଚାକିରି ନିୟମିତ କରାଯାଇଛି। ସେମାନଙ୍କୁ ଏଲିମେଣ୍ଟାରି କ୍ୟାଡରର ସହକାରୀ ଶିକ୍ଷକ (ସ୍ତର-୫କ) ଭାବେ ଅବସ୍ଥାପିତ କରାଯାଇଛି। ନିୟମିତ ହୋଇଥିବା ସ୍କିମାଟିକ୍ ଶିକ୍ଷକଙ୍କ ନିୟମିତୀକରଣ, ସେମାନେ କାର୍ଯ୍ୟରେ ଯୋଗଦେଇଥିବା ତାରିଖ ଠାରୁ କରାଯିବ। ସେମାନେ ୩୧ ଡିସେମ୍ବର ୨୦୨୫ ଯାଏଁ ନୋସନାଲ୍ ସେବା ସୁଯୋଗ ଗ୍ରହଣ କରିପାରିବେ। ୧ ଜାନୁଆରୀ ୨୦୨୬ ଠାରୁ ସେମାନେ ସହକାରୀ ଶିକ୍ଷକ ସ୍ତର-୫କର ସେବା ସୁଯୋଗ ଓ ଦରମା ଆଦି ପାଇବେ।

# ପିପିଏଲ୍ କଲୋନୀରେ ଉତ୍କଳ ଦିବସ ପାଳିତ

## ଭାଷା ହେଉଛି ଗୋଟିଏ ଜାତିର ପରିଚୟ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଖଣ୍ଡଗିରି ସ୍ଥିତ ପିପିଏଲ କଲୋନୀରେ ଉତ୍କଳ ଦିବସ ପାଳନ ଅବସରରେ ବିଶିଷ୍ଟ ଶିକ୍ଷାବିତ୍, ସୁଲେଖିକା ଓ ଅନୁବାଦିକା ଓ ଓଡ଼ିଶା ଲେଖିକା ସଂସଦର ସଭାପତି ଡ. ଶକୁନ୍ତଳା ବଳିଆରସିଂହ ଉଦ୍‌ବୋଧନ ଦେଇ କହିଲେ ଯେ ଭାଷା ହେଉଛି ଗୋଟିଏ ଜାତିର ପରିଚୟ ଓ ଓଡ଼ିଶା ହେଉଛି ଭାରତବର୍ଷର ପ୍ରଥମ ରାଜ୍ୟ, ଯାହା ୯୦ ବର୍ଷ ପୂର୍ବେ ଓଡ଼ିଆ ଭାଷାକୁ ନେଇ ଗଠିତ ହୋଇଥିଲା। ତତ୍କାଳୀନ ରାଜନେତା, ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ପ୍ରଚେଷ୍ଟାରେ ଉତ୍କଳ ସମ୍ମିଳନୀ ଗଠନ କରି ବ୍ରିଟିଶ୍ ଶାସନ ସମୟରେ ଭାଷାକୁ ଭିତ୍ତିକରି ଓଡ଼ିଶାକୁ ବିଚ୍ଛିନ୍ନାଞ୍ଚଳ ସହ ମିଶାଇ ଏକ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରାଯାଇଥିଲା। ସେହି ଓଡ଼ିଶାର ସାହିତ୍ୟ, କଳା, ଶିଳ୍ପ, ନୃତ୍ୟ, ସଂଗୀତ, ଖାଦ୍ୟ, ତଥା ପ୍ରଭୁ ଶ୍ରୀଜଗନ୍ନାଥ ପୃଥିବୀରେ ପ୍ରସିଦ୍ଧି ଲାଭ କରିଛନ୍ତି। ସେହି ଓଡ଼ିଆ ଭାଷା ଓ




ଓଡ଼ିଆ ଜାତିର ମାନରକ୍ଷା କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ବୋଲି ଡ. ବଳିଆରସିଂହ ବକ୍ତବ୍ୟ ରଖିଥିଲେ। ପିପିଏଲ କଲୋନୀର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତରୁ ସଭାକାର୍ଯ୍ୟ ଆରମ୍ଭ କରି ମଧୁସୂଦନ ଓ ଗୋପବନ୍ଧୁଙ୍କ ଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ଡ. ବଳିଆରସିଂହ ଓ ସମ୍ମାନିତ ଅତିଥି ପ୍ରାକ୍ତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ ଓ କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ। ସମ୍ମାନିତ ଅତିଥିଗଣ ପିପିଏଲ କଲୋନୀବାସିନ୍ଦାମାନଙ୍କ ଏକତା ଓ ଉନ୍ନତିମୂଳକ କାର୍ଯ୍ୟର ପ୍ରଶଂସା କରି ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ସଭାଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ସମ୍ପାଦକ ସୁବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରିଚାଳନାରେ ଯୁଗ୍ମ ସଂପାଦକ କିଶୋର ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଅଶୋକ କୁମାର ମେହେର ଓ ସମନ୍ୱିତା ସାହିତ୍ୟ ସଂସଦର ମହିଳା ସଭ୍ୟାମାନେ ଡ. ମନସ୍ୱିନୀ ଦାଶଙ୍କ ନେତୃତ୍ୱରେ ସାହାଯ୍ୟ କରିଥିଲେ।

# ୧,୮୮୯ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଲୋକାର୍ପିତ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ୩୦ଟି ଜିଲ୍ଲାରେ ନିର୍ମିତ ୧,୮୮୯ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଗୁରୁବାର ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏହି କେନ୍ଦ୍ରଗୁଡ଼ିକୁ ଉଦ୍‌ଘାଟନ କରିଥିବାବେଳେ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଉପ-ମୁଖ୍ୟମନ୍ତ୍ରୀ ସରକାରଙ୍କ ଆଭିମୁଖ୍ୟକୁ ଦୋହରାଇ କହିଥିଲେ ଯେ, 'ସୁନ୍ଦର, ସକ୍ଷମ ଓ ସୁଦୃଢ଼ ଅଙ୍ଗନବାଡ଼ି' ଗଠନ ହିଁ ଆମର ମୂଳ ଲକ୍ଷ୍ୟ। ସେ ବାଲେଶ୍ୱର, ଗଞ୍ଜାମ, କଟକ, ଅନୁଗୋଳ ଏବଂ ଦେବଗଡ଼ ଭଳି ବିଭିନ୍ନ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ମନ୍ତ୍ରୀ ରବି ନାରାୟଣ ନାଏକ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରୟାସକୁ ପ୍ରଶଂସା କରିବା ସହ କହିଥିଲେ ଯେ, ଆଜିର ଏହି ଶିଶୁମାନେ ହିଁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ସୂଚନାଯୋଗ୍ୟ ଯେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗର ମିଳିତ ସହଯୋଗରେ ଏହି ପ୍ରକଳ୍ପ ସଫଳ ହୋଇପାରିଛି। ଏହି ନୂତନ କେନ୍ଦ୍ରଗୁଡ଼ିକ ଶିଶୁ, ଗର୍ଭବତୀ ମହିଳା ଏବଂ ପ୍ରସୂତି ମା'ମାନଙ୍କ ପାଇଁ ପୁଷ୍ଟିସାଧନ, ପ୍ରାରମ୍ଭିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତାର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ଶାଲ ଏବଂ ଉଭୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ୩୦ଟି ଜିଲ୍ଲାର ଜିଲ୍ଲାପାଳ , ମୁଖ୍ୟ ଉନ୍ନୟନ ଅଧିକାରୀ, ଡି. ଏସ .ଡବ୍ଲୁ ସି .ଡି .ପି .ଓ . ତଥା ଅନ୍ୟାନ୍ୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

# ୧୩ ଓ ୧୪ ଦୁଇଦିନ ଧରି ପାଳନ ହେବ ରାଜଧାନୀ ପ୍ରତିଷ୍ଠା ଦିବସ : ଅନୁ ଗର୍ଗ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ରାଜଧାନୀ ୭୮ତମ ପ୍ରତିଷ୍ଠା ଦିବସ ଚଳିତ ମାସ ଅପ୍ରିଲ୍ ୧୩ ଓ ୧୪ ଦୁଇ ଦିନ ଧରି ପାଳିତ ହେବ। ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଏହି ଉତ୍ସବକୁ ଅପ୍ରିଲ ୧୩ ତାରିଖରେ ସ୍ୱତନ୍ତ୍ର ଭାବେ ଏବଂ ୧୪ ତାରିଖରେ ରାଜ୍ୟ ସରକାରଙ୍କ 'ଓଡ଼ିଆ ପକ୍ଷ' ସହ ମିଳିତ ସମନ୍ୱୟରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ମହୋତ୍ସବର ଆୟୋଜନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଭୁବନେଶ୍ୱର ମହାନଗର ନିଗମ କମିସନର ଚଞ୍ଚଳ ରାଣା ଉପସ୍ଥାପନ କରିଥିଲେ । ବୈଠକରୁ ମିଳିଥିବା ବିବରଣୀ ଅନୁସାରେ, ରାଜଧାନୀ ପ୍ରତିଷ୍ଠା ଦିବସ ଏପ୍ରିଲ ୧୩ ତାରିଖ ପୂର୍ବାହ୍ଣରେ ପିଏମଜି ଛକସ୍ଥିତ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯିବ। ଉତ୍ସବର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରାଯିବ। ଏହା ସହିତ



ରବୀନ୍ଦ୍ର ମଣ୍ଡପରୁ ଜୟଦେବ ଭବନ ପର୍ଯ୍ୟନ୍ତ ଏକ ଆକର୍ଷଣୀୟ ବେସାମରିକ ପରେଡ୍ ଅନୁଷ୍ଠିତ ହେବ। ସେହପରି ଉତ୍ସବ ଉପଲକ୍ଷେ ଜୟଦେବ ଭବନଠାରେ ରାଜଧାନୀର ଐତିହ୍ୟ ଓ ଗୌରବକୁ ନେଇ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ପ୍ରାତଃ କାଳୀନ ପରେଡ୍ କାର୍ଯ୍ୟକ୍ରମଗୁଡ଼ିକୁ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥେଷ୍ଟ ପିଇବା ପାଣି, ଆବଶ୍ୟକ ଓଆରଏସ୍ ଏବଂ ଆନୁଷଙ୍ଗିକ ସୁବିଧା କରିବାକୁ ପରାମର୍ଶ ଦିଆଯାଇଛି । ୧୩ ତାରିଖ ସଂଧ୍ୟାରେ ଉତ୍କଳ ମଣ୍ଡପଠାରେ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଉତ୍ସବର ଦ୍ୱିତୀୟ ଦିନ ଏପ୍ରିଲ ୧୪ ତାରିଖରେ ଉତ୍କଳ ମଣ୍ଡପଠାରେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ପକ୍ଷ ସହ ସମନ୍ୱିତ କରାଯାଇ ଅନୁଷ୍ଠିତ ହେବ । ଦୁଇଦିନ ଧରି ଉତ୍ସବରେ ବିଭିନ୍ନ ଅତିଥିମାନେ ଯୋଗଦେବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଦେଓରଞ୍ଜନ କୁମାର ସିଂ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ ଏନ ତିରୁମାଲା ନାଏକ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ପାଢୀଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ୱାଟକୋ, ପୁଲିସ କମିଶନରେଟ୍ ଏବଂ ଅଗ୍ନିଶମ ସେବା ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସମେତ ଉପସଭାପତି ଏବଂ ସାଧାରଣ ସଂପାଦକ ପ୍ରମୁଖ ଯୋଗଦେଇଥିଲେ।

# ହସ୍ତତନ୍ତ ପିନ୍ଧି ଓଡ଼ିଶା ବାସୀ ପାଳିଲେ 'ଆମ ପୋଷାକ ଆମ ପରିଚୟ' ଦିବସ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି ଓଡ଼ିଆ ପକ୍ଷ। ଗୁରୁବାର ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଦିବସରେ ଓଡ଼ିଶା ବାସୀ ପାରମ୍ପରିକ ପୋଷାକ ପରିଧାନ କରି 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ ହୋଇଛନ୍ତି।

ହସ୍ତତନ୍ତ ଆମ ସାଂସ୍କୃତିକ ବିବିଧତା ଓ ଗୌରବମୟ ଐତିହ୍ୟର ପ୍ରତୀକ। ଓଡ଼ିଆ ଅସ୍ମିତାର ନିଚ୍ଛକ ନିଦର୍ଶନ। ଓଡ଼ିଶାର ପୁରପଲ୍ଲୀ ଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ଆଜି ପାରମ୍ପରିକ ପୋଷାକ ପରିଧାନ କରି ବୟନ ଅସ୍ମିତାର ଏହି ମହାପର୍ବରେ ନିଜକୁ ସାମିଲ କରିଛନ୍ତି।

ରାଜ୍ୟ ସରକାରଙ୍କ ଲୋକସେବା ଭବନ ଏବଂ ବିଭିନ୍ନ ବିଭାଗର



ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ଗୁରୁବାର ହସ୍ତତନ୍ତ ଓ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ବିଭିନ୍ନ ଜିଲ୍ଲାରେ ଆଜି 'ଓଡ଼ିଶାର ହସ୍ତତନ୍ତ ଓ ବୟନ ଶିଳ୍ପ' ଶୀର୍ଷକକୁ ନେଇ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ହସ୍ତଶିଳ୍ପ ସାମଗ୍ରୀ ଏବଂ ପଟ୍ଟଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇ ଯୁବପିଢ଼ିଙ୍କୁ ଆମ ସମୃଦ୍ଧ ହସ୍ତତନ୍ତ, ବୟନଶିଳ୍ପ, ହସ୍ତଶିଳ୍ପ ଏବଂ ଚିତ୍ରକଳା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଓଡ଼ିଶାର ହସ୍ତତନ୍ତକୁ ଝୋଟି, ଚିତା, ମୁରୁଜ ଆଦିରେ ଖୁବ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ବୁଣାକାର ଏବଂ ତନ୍ତୁବାୟ ସହଯୋଗ ସମିତିର ସଦସ୍ୟ ଓ ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏଥିସହ ଯୁବବର୍ଗ, ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟାମାନେ ପାରମ୍ପରିକ ପୋଷାକ ପରିଧାନ କରି ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ୱେବ୍‌ସାଇଟରେ ଅପଲୋଡ଼୍ କରିବା ସହ ନିଜର ଡିଜିଟାଲ ସାର୍ଟିଫିକେଟ ମଧ୍ୟ ଡ଼ାଉନଲୋଡ଼୍ କରିଥିଲେ। ପାରମ୍ପରିକ ପୋଷାକ ପରିଧାନ କରି ନିଜକୁ 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଶୁକ୍ରବାର ଅର୍ଥାତ ଏପ୍ରିଲ ୩ ତାରିଖକୁ ମଧ୍ୟ 'ଆମ ପୋଷାକ ଆମ ପରିଚୟ' ଦିବସ ଭାବେ ପାଳନ କରାଯିବ। ଏପ୍ରିଲ ୪ ତାରିଖ ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ 'ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ' ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ 'ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ'ର ଆୟୋଜନ କରାଯିବ।

ଭୁବନେଶ୍ୱର, ୦୩ ଅପ୍ରେଲ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଖରିଫ ଋତୁରେ ହୋଇଛି ରେକର୍ଡ ଧାନ ସଂଗ୍ରହ : ସମବାୟ ମନ୍ତ୍ରୀ



**ଭୁବନେଶ୍ୱର, ୦୨/୦୪ ନ୍ୟୁଜ ବ୍ୟୁରୋ**

ଚଳିତ ଖରିଫ ଋତୁରେ ରେକର୍ଡ ସଂଖ୍ୟକ ଧାନ ସଂଗ୍ରହ ହୋଇଛି । ୧୮ ଲକ୍ଷ ୬୪ ହଜାର ଚାଷୀ ଧାନ ବିକ୍ରି କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୭୭ ଲକ୍ଷ ମେଟ୍ରିକ୍ ଟନ ଧାନ କିଣା ସରିଛି । ବାକି ବଳକା ଧାନ କିଣିବାକୁ ୭ ଦିନ ଅବଧି ବୃଦ୍ଧି କରିଛନ୍ତି ସରକାର । ଯେଉଁ ଚାଷୀ ଧାନ ବିକି ପାରିନାହାନ୍ତି ସେମାନେ ଏହି ୭ ଦିନ ଭିତରେ ଧାନ ବିକ୍ରି କରିପାରିବେ। ଏଭଳି ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ।


ମାର୍ଚ୍ଚ ୩୧ରେ ଧାନ କିଣା ଅବଧି ଶେଷ ହୋଇଥିବାବେଳେ ଆହୁରି ୭ ଦିନ ସମୟ ବଢ଼ାଇଛନ୍ତି ରାଜ୍ୟ ସରକାର । ଯାହାର ବି ଧାନ ଉଠିନି, ସେମାନଙ୍କ ଧାନ କ୍ରୟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ମିଲ୍‌ରେ ଜାଗାର ଅଭାବ ପାଇଁ ଧାନ କିଣା ପ୍ରକ୍ରିୟା ଟିକେ ବିଳମ୍ବ ହୋଇଥିଲା। ଜଣେ ବି ଚାଷୀର ଧାନ ରହିବ ନାହିଁ । ସରକାର୍ ସମସ୍ତ ଧନ ଉଠାଇବେ। ଆସନ୍ତା ବର୍ଷକୁ ଏପରି ସମସ୍ୟା ଯେପରି ନହେବ ସେନେଇ ସରକାର ବ୍ୟବସ୍ଥା କରୁଥିବା ମନ୍ତ୍ରୀ କହିଛନ୍ତି ।

# ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀରୁ ବାହାରିଲା ଚାପ ଡଙ୍ଗା

**ପୁରୀ, ୨/୪ ନ୍ୟୁଜ ବ୍ୟୁରୋ**

ଗୁରୁବାର ପବିତ୍ର ଚୈତ୍ର ପୂର୍ଣ୍ଣିମା ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ଏପ୍ରିଲ ୨୦ରେ ଅକ୍ଷୟ ତୃତୀୟା ପଡୁଥିବା ବେଳେ ଏହି ଦିନଠୁ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହେବା ସହ ଚନ୍ଦନ ଯାତ୍ରା ଆରମ୍ଭ ହେବ । ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରି ନନ୍ଦା ଭଦ୍ରା ଦୁଇଟି ଚାପ ଡଙ୍ଗାରେ ଜଳକ୍ରୀଡା କରିବେ ।

ବିଧି ଓ ପରମ୍ପରା ଅନୁଯାୟୀ ଚୈତ୍ର ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ଚାପ ଡଙ୍ଗାକୁ ନରେନ୍ଦ୍ର ପୁଷ୍କରିଣୀ ଜଳରାଶିରୁ ଉପରକୁ ବାହାର କରାଯାଇଛି । ଭୋଇ ସେବକ ମାନେ ୫ଟି ଡଙ୍ଗା ନନ୍ଦା, ଭଦ୍ରା ଓ ବୈଜୟନ୍ତୀକୁ ନରେନ୍ଦ୍ର ପୁଷ୍କରିଣୀ ଜଳ ରାଶି ଭିତରୁ ଉପରକୁ ଆଣିଛନ୍ତି । ଏହାକୁ ଖରାରେ ଶୁଖାଯିବା ପରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏକ ମିଶ୍ରଣ ତଥା ପିଚୁ ରାଳ, ଝୁଣାକୁ ଗରମ କରାଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇ ଡଙ୍ଗାରେ ପ୍ରଲେପ ଦିଆଯିବ। ଯାହାକି ଡଙ୍ଗାକୁ ସୁରକ୍ଷିତ ରଖିବ। ପ୍ରତ୍ୟେକ ବର୍ଷ ଚନ୍ଦନ ଯାତ୍ରା ଶେଷ ପରେ ମହାପ୍ରଭୁଙ୍କ ଚାପ ଡଙ୍ଗା ନନ୍ଦା, ଭଦ୍ରା ଓ ବୈଜୟନ୍ତୀକୁ ନରେନ୍ଦ୍ର ପୁଷ୍କରିଣୀ ଜଳରାଶି ତଳେ ବୁଡ଼ାଇ ରଖାଯାଏ। ପୁଣି ପରବର୍ଷ ଚନ୍ଦନ ଯାତ୍ରା ପୂର୍ବରୁ ଚୈତ୍ର ପୂର୍ଣ୍ଣିମାରେ ୫ଟି ଡଙ୍ଗାକୁ ନରେନ୍ଦ୍ର ପୁଷ୍କରିଣୀ ଜଳ ରାଶି ଭିତରୁ ଉପରକୁ ଅଣାଯାଇ ଆବଶ୍ୟକ ମରାମତି ଓ ପିଚୁରାଳ ମିଶ୍ରଣର ପ୍ରଲେପ ଦିଆଯାଏ । ଯାହା ଫଳରେ କାଠରେ ନିର୍ମିତ ଡଙ୍ଗାଟି ଦୀର୍ଘ ଏକ ବର୍ଷ ଜଳ ରାଶି ଭିତରେ ରହିଲେ ବି କାଠ ଡଙ୍ଗାର କିଛି ଅସୁବିଧା ହୁଏ ନାହିଁ। ଦେବେ ପରମ୍ପରା ଅନୁଯାୟୀ ଯେଉଁବର୍ଷ ମହାପ୍ରଭୁଙ୍କ ନବକଳେବର ପଡିବ ତାହାର ପର ବର୍ଷ ମହାପ୍ରଭୁଙ୍କର ନୂଆ ଚାପ ଡଙ୍ଗା ନିର୍ମାଣ ହେବାର ବିଧି ରହିଛି। ଚନ୍ଦନ ଯାତ୍ରା ପ୍ରସ୍ତୁତିକୁ ନେଇ ଭୋଇ ସର୍ଦ୍ଦାର ରବି ଭୋଇ କୁହନ୍ତି, 'ବିଧି ଅନୁଯାୟୀ ଆଜି ପବିତ୍ର ଚୈତ୍ର ପୂର୍ଣ୍ଣିମାରେ ନରେନ୍ଦ୍ର ପୁଷ୍କରିଣୀ ଜଳ ରାଶି ଭିତରେ ବୁଡ଼ି ରହିଥିବା ୫ଟି ଡଙ୍ଗାକୁ ଆମେ ବାହାରକୁ ଆଣିଲୁ । ଡଙ୍ଗା ପାଣି ଭିତରେ ଦୀର୍ଘ ଏକ ବର୍ଷ ରହିଥିବାରୁ ଆମେ ଖରାରେ ସବୁ ଡଙ୍ଗାକୁ ଶୁଖାଇବୁ। ମହାପ୍ରଭୁଙ୍କ କୃପାରୁ ଚଳିତ ବର୍ଷ ଚନ୍ଦନ ଯାତ୍ରା ଭଲରେ ଅନୁଷ୍ଠିତ ହେଉ ବୋଲି ଠାକୁରଙ୍କୁ ପ୍ରାର୍ଥନା କରୁଛୁ ।'




ପୁରୀ : ବୁଧବାର ପୁରୀ ବଡ଼ଦାଣ୍ଡରେ ପହଞ୍ଚିଛି ପଞ୍ଚମ ଦଫା ରଥ କାଠ। ଏହି ରଥ କାଠ ବୌଦ୍ଧ ବନଖଣ୍ଡ ମାଧୋପୁର ରେଞ୍ଜରୁ ୧୦ ଗୋଟି ୧୨ ଫୁଟିଆ ଧାଉରା କାଠ ଏବଂ ୧୭ ଗୋଟି ୨୦ ଫୁଟିଆ ଧାଉରା କାଠ ଆସିଅଛି । (ଫଟୋ : ସମ୍ବାଦ କଳିକା)

## ପଶ୍ଚିମବଙ୍ଗ ମମତା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ଦୁର୍ଭାଗ୍ୟଜନକ ଘଟଣାର ସିବିଆଇ କିମ୍ବା ଏନ୍‌ଆଇଏ ତଦନ୍ତ ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨/୦୪**

ଏସ୍‌ଆଇଆର କାର୍ଯ୍ୟରେ ନିୟୋଜିତ ସାତ ଜଣ ନ୍ୟାୟିକ ଅଧିକାରୀଙ୍କୁ 'ବନ୍ଧକ' କରାଯିବା ଘଟଣାରେ ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାରକୁ କଡ଼ା ଭାଷାରେ ଭର୍ତ୍ସନା କରିଛନ୍ତି ସୁପ୍ରିମକୋର୍ଟ। ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି କୋର୍ଟ ଏହାକୁ ଦୁଃଖଦ ବୋଲି କହିଛନ୍ତି ଏବଂ ରାଜ୍ୟ ଗୃହ ସଚିବ, ଡିଜିପି ଏବଂ ଅନ୍ୟାନ୍ୟ ଅଧିକାରୀଙ୍କଠାରୁ ସେମାନଙ୍କ 'ନିଷ୍କ୍ରିୟତା' ପାଇଁ ଜବାବ ଲୋଡ଼ିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଏକ ଖଣ୍ଡପୀଠ ଏହି ଦୁର୍ଭାଗ୍ୟଜନକ ଘଟଣାର ସିବିଆଇ କିମ୍ବା ଏନ୍‌ଆଇଏ ତଦନ୍ତ ପାଇଁ ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଛନ୍ତି । କୋର୍ଟ କହିଛନ୍ତି ଯେ, ଏହି ଘଟଣାଟି 'କଳ୍ପିତ' ଏବଂ 'ନ୍ୟାୟିକ ଅଧିକାରୀମାନଙ୍କ ମନୋବଳ ହ୍ରାସ କରିବା ପାଇଁ ଏକ ପ୍ରେରଣାଦାୟକ ପଦକ୍ଷେପ' ବୋଲି ମନେହୁଏ । ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା 'ଭଙ୍ଗ' ହୋଇଥିବା ଲକ୍ଷ୍ୟ କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏହି ପ୍ରସଙ୍ଗରେ ବିଳମ୍ବ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ଅଧିକାରୀଙ୍କ ଉପରେ କଠୋର ଆକ୍ଷେପ କରିଛନ୍ତି। ସିଜେଆଇ କହିଛନ୍ତି ଯେ, ମାଲଦା ଜିଲ୍ଲାରେ ତିନି ଜଣ ମହିଳାଙ୍କ ସମେତ ସାତ ଜଣ ନ୍ୟାୟିକ ଅଧିକାରୀଙ୍କୁ ଅସାମାଜିକ ତତ୍ତ୍ୱମାନେ ବନ୍ଧକ କରିଥିଲେ । ଏପରିକି ସେ ନିଜେ ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ପରିସ୍ଥିତି ଉପରେ ନଜର ରଖିବାକୁ ପଡ଼ିଥିଲା ବୋଲି କହିଛନ୍ତି ପ୍ରଧାନ ବିଚାରପତି । ସୁପ୍ରିମକୋର୍ଟ ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମ ରିପୋର୍ଟକୁ ଉଲ୍ଲେଖ କରି କହିଛନ୍ତି ଯେ, ଏହା କେବଳ ନ୍ୟାୟିକ ଅଧିକାରୀମାନଙ୍କୁ ଭୟଭୀତ କରିବା ପାଇଁ ନୁହେଁ ବରଂ ଏହି କୋର୍ଟର କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ନିର୍ଲଜ୍ଜ ପ୍ରୟାସ। ଖଣ୍ଡପୀଠ କହିଛନ୍ତି ଯେ, ଏହା ନ୍ୟାୟିକ ଅଧିକାରୀମାନଙ୍କ ଉପରେ ମାନସିକ ଆକ୍ରମଣ ପାଇଁ କାହାକୁ ହସ୍ତକ୍ଷେପ କରିବାକୁ ଏବଂ ଆଇନକୁ ହାତକୁ ନେବାକୁ ଅନୁମତି ଦେବ ନାହିଁ ଏବଂ ନିର୍ବାଚନ କମିଶନଙ୍କୁ ଦେଶର ଯେକୌଣସି ସ୍ଥାନରୁ କେନ୍ଦ୍ରୀୟ ବାହିନୀକୁ ନିୟୋଜିତ କରିବାକୁ କହିଛନ୍ତି, ଯାହା ନ୍ୟାୟିକ ଅଧିକାରୀ, ସେମାନଙ୍କ ପରିବାର ଏବଂ ଏସ୍‌ଆଇଆର କାର୍ଯ୍ୟରେ ନିୟୋଜିତ ଅନ୍ୟ କର୍ମଚାରୀମାନଙ୍କୁ ସୁରକ୍ଷା ଦେବ। ଏହା ପଶ୍ଚିମବଙ୍ଗ ସରକାର ଏବଂ ଏହାର ଅଧିକାରୀଙ୍କ ଦ୍ୱାରା 'କର୍ତ୍ତବ୍ୟରୁ ବିରତି' ବୋଲି କହି କୋର୍ଟ କହିଛନ୍ତି ଯେ ସେମାନଙ୍କୁ ସେମାନଙ୍କର ନିଷ୍କ୍ରିୟତାର କାରଣ ଦେବାକୁ ପଡ଼ିବ। ଅଧିକାରୀମାନେ କହିଛନ୍ତି ଯେ, ଭୋଟର ତାଲିକାରୁ ନାମ ବାଦ ଦେବା ନେଇ ମାଲଦା ଜିଲ୍ଲାରେ ଏସ୍‌ଆଇଆରରେ ନିୟୋଜିତ ସାତ ଜଣ ନ୍ୟାୟିକ ଅଧିକାରୀଙ୍କୁ କିଛି ଘଣ୍ଟା ପାଇଁ ଘେରାଉ କରାଯାଇଥିଲା । ଅଧିକାରୀଙ୍କ କହିବା ଅନୁଯାୟୀ, ବିକ୍ଷୋଭକାରୀମାନେ ପ୍ରଥମେ ନ୍ୟାୟିକ ଅଧିକାରୀଙ୍କ ସହିତ ଏକ ବୈଠକ ଚାହୁଁଥିଲେ। ତେବେ ପ୍ରବେଶ ବାରଣ କରାଯିବା ପରେ, ସେମାନେ ବୁଧବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଏକ ପ୍ରଦର୍ଶନ ଆରମ୍ଭ କରିଥିଲେ ଏବଂ କାର୍ଯ୍ୟାଳୟ ଘେରାଉ କରିଥିଲେ । ପ୍ରତିବାଦ ସମୟରେ କାର୍ଯ୍ୟାଳୟ ଭିତରେ ଫସି ରହିଥିବା ଲୋକଙ୍କ ମଧ୍ୟରେ ତିନି ଜଣ ମହିଳା ନ୍ୟାୟିକ ଅଧିକାରୀ ମଧ୍ୟ ଥିଲେ ବୋଲି ଅଧିକାରୀମାନେ କହିଛନ୍ତି ।

# ୨୦୨୫-୨୬ : ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ନାଲ୍‌କୋର ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର, ୨/୦୪ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲ୍‌କୋ) ଆର୍ଥିକ ବର୍ଷ ୨୦୨୫-୨୬ରେ କମ୍ପାନୀର ସମସ୍ତ ପୂର୍ବ ରେକର୍ଡକୁ ଅତିକ୍ରମ କରି ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି ।



ଉତ୍ପାଦନ ଓ ବ୍ୟବସାୟର ବିଭିନ୍ନ ଦିଗରେ କମ୍ପାନୀ ଅଭୂତପୂର୍ବ ସଫଳତା ହାସଲ କରିଛି । କମ୍ପାନୀ ୭୭.୦୧ ଲକ୍ଷ ଟନ୍ ବକ୍ସାଇଟ୍ ଖନନ ଏବଂ ୭୭.୦୭ ଲକ୍ଷ ଟନ୍ ବକ୍ସାଇଟ୍ ପରିବହନର ରେକର୍ଡ କରିଛି, ଠିକ ସେହି ପରି ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ ୨୩ ଲକ୍ଷ ଟନ୍ ଏବଂ କାଲସାଇଣ୍ଡ୍ ଆଲୁମିନା ଉତ୍ପାଦନ ୨୨.୭୫ ଲକ୍ଷ ଟନ୍‌ରେ ପହଞ୍ଚିଛି। କାଷ୍ଟ ଧାତୁ ଉତ୍ପାଦନ ୪.୭୨ ଲକ୍ଷ ଟନ୍ ରେକର୍ଡ କରାଯାଇଛି, ଏହା ସହିତ ସର୍ବାଧିକ ବିଦ୍ୟୁତ୍ ଉତ୍ପାଦନ ୬,୯୫୩ ମିଲିୟନ ୟୁନିଟ ଏବଂ କୋଇଲା ଉତ୍ପାଦନ ୪୦ ଲକ୍ଷ ଟନ୍ ରେକର୍ଡ କରାଯାଇଛି। ବିକ୍ରୟ କ୍ଷେତ୍ରରେ ମଧ୍ୟ, କମ୍ପାନୀ ଅଭୂତପୂର୍ବ ସଫଳତା ହାସଲ କରିଛି। ମୋଟ ଆଲୁମିନା ବିକ୍ରୟ ୧୪.୪୬ ଲକ୍ଷ ଟନ, ଘରୋଇ ଆଲୁମିନା ବିକ୍ରୟ ୧.୩୮ ଲକ୍ଷ ଟନ୍ ଏବଂ ଆଲୁମିନିୟମ ଧାତୁ ବିକ୍ରୟ ୪.୭୪ ଲକ୍ଷ ଟନ୍ ରେକର୍ଡ କରାଯାଇଛି, ଯେଉଁଥିରେ ସର୍ବାଧିକ ଘରୋଇ ଧାତୁ ବିକ୍ରୟ ୪.୬୧ ଲକ୍ଷ ଟନ୍ ଅନ୍ତର୍ଭୁକ୍ତ। ଉଲ୍ଲେଖଯୋଗ୍ୟ ଯେ, କମ୍ପାନୀ ପୂର୍ବ ବର୍ଷ ତୁଳନାରେ ବକ୍ସାଇଟ୍ ପରିବହନ କ୍ଷେତ୍ରରେ ୬.୧୩% ଅଭିବୃଦ୍ଧି ରେକର୍ଡ କରିଥିବାବେଳେ କାଲସାଇଣ୍ଡ ଆଲୁମିନା ଉତ୍ପାଦନରେ ୧୧.୧୬% ଏବଂ ଆଲୁମିନିୟମ କାଷ୍ଟ ଧାତୁ ଉତ୍ପାଦନରେ ପୂର୍ବ ବର୍ଷ ତୁଳନାରେ ୨.୬୧ % ବୃଦ୍ଧି ଘଟିଛି। ମୋଟ ଆଲୁମିନା ବିକ୍ରୟ ୩୦.୭୪ % ର ଏକ ଦୃଢ଼ ଅଭିବୃଦ୍ଧି ହାସଲ କରିଥିବାବେଳେ, ମୋଟ ଆଲୁମିନିୟମ ବିକ୍ରୟ ମଧ୍ୟ ପୂର୍ବ ବର୍ଷ ତୁଳନାରେ ୨.୮୨% ବୃଦ୍ଧି ପାଇଛି।

ନାଲକୋ ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଅନୁଗୁଳରେ ଅନୁଷ୍ଠିତ ବାର୍ଷିକ ବ୍ୟବସାୟ ଯୋଜନା ରଣନୈତିକ ବୈଠକରେ କମ୍ପାନୀର ପ୍ରଦର୍ଶନ ସମୀକ୍ଷା କରିବା ସମୟରେ, ସମଗ୍ର ନାଲ୍‌କୋ ପରିବାର ଏବଂ ଅଂଶୀଦାରମାନଙ୍କୁ ସେମାନଙ୍କର ପ୍ରତିବଦ୍ଧତା ଏବଂ ସାମୂହିକ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, "ଏହି ସଫଳତା ଆମର କର୍ମଚାରୀମାନଙ୍କର ସମର୍ପଣ, ଶୃଙ୍ଖଳା ଏବଂ ସାମୂହିକ ଶକ୍ତିକୁ ପ୍ରତିଫଳିତ କରେ। ଆମେ ନିରନ୍ତର ଭାବରେ ଆମର ନିଜସ୍ୱ ମାନଦଣ୍ଡକୁ ଅତିକ୍ରମ କରିବାକୁ ଚେଷ୍ଟା କରିଛୁ, ଏବଂ ଏହି ମାଇଲଖୁଣ୍ଟ ସ୍ଥାୟୀ ବ୍ୟବସାୟ ଉତ୍କର୍ଷତା ଆଡ଼କୁ ଆମର ପଥକୁ ଆହୁରି ମଜବୁତ କରିବ"।

ଆଗାମୀ ଦିନଗୁଡ଼ିକରେ ଶ୍ରୀ ସିଂହ କମ୍ପାନୀର ନିରନ୍ତର ଅଭିବୃଦ୍ଧି ଏବଂ ନବସୃଜନ ପାଇଁ ରୋଡମ୍ୟାପ୍ ଉପରେ ଗୁରୁତ୍ୱାରୋପ କରିଥିଲେ। "ଭବିଷ୍ୟତର ଚାହିଦା ପୂରଣ କରିବା ପାଇଁ ଆମକୁ ଆମର କ୍ଷମତାକୁ ଉନ୍ନତ ଏବଂ ବିସ୍ତାର କରିବାକୁ ପଡିବ। ଆମର ପ୍ରଗତି ମେସିନ ଦକ୍ଷତା, ମାନବ ସମ୍ବଳ ଦକ୍ଷତା ଏବଂ ପ୍ରକ୍ରିୟା ଦକ୍ଷତାର ସୁଦୃଢ଼ୀକରଣ ଦ୍ୱାରା ସମ୍ଭବ ହୋଇପାରିବ। ଆମେ ଆଗକୁ ବଢ଼ିବା ସହିତ, ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ ଏବଂ ପରିବେଶ ସଂରକ୍ଷଣ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଇବାକୁ ପଡିବ" ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଶ୍ରୀ ସିଂହ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ତଥା ଓଡ଼ିଶା ସରକାରଙ୍କ ନିରନ୍ତର ସହଯୋଗ ନିମନ୍ତେ କୃତଜ୍ଞତା ପ୍ରକାଶ କରିଛନ୍ତି। ଆର୍ଥିକ ବର୍ଷ ୨୦୨୫-୨୬ରେ ରେକର୍ଡ ପ୍ରଦର୍ଶନ ସହିତ, ନାଲ୍‌କୋ ବିଶ୍ୱ ଆଲୁମିନିୟମ୍ ଶିଳ୍ପରେ ଏକ ପ୍ରମୁଖ ଉଦ୍ୟୋଗ ଭାବରେ ନିଜର ସ୍ଥିତିକୁ ପୁନଃ ସୁଦୃଢ଼ କରିବା ସହ ସରକାରୀ କ୍ଷେତ୍ର ଉଦ୍ୟୋଗଗୁଡ଼ିକ ମଧ୍ୟରେ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି।

# ୧ କୋଟି ୮୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ : ୩ ମାଫିଆ ଫେରାର



**ମୋହନା, ୨/୪ ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗଜପତି ପୁଲିସ ଜିଲ୍ଲାରେ ଗଞ୍ଜେଇ ମୁକ୍ତ ଅଭିଯାନ ଜାରି ରଖିଥିବା ବେଳେ ଗଜପତି ପୁଲିସକୁ ବଡ ସଫଳତା ମିଳିଛି । ଗା . ଉଦୟଗିରି ଥାନା ଅନ୍ତର୍ଗତ ନୂଆଗଡ ବ୍ଲକ କିରାମା ଗ୍ରାମ ପଞ୍ଚାୟତର ବୁରିପଦର ଗାଁରେ ଥିବା କିଛି ଘର ଓ ନିକଟସ୍ଥ ଜଙ୍ଗଲରେ ଚଢ଼ଉ କରି ୧୮ କୁଇଣ୍ଟାଲ ୩୦ କିଲୋ ଗଞ୍ଜେଇ ଜବତ କରିଛି । ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଓ ଦୁଇ ନିରପେକ୍ଷ ସାକ୍ଷୀଙ୍କ ଉପସ୍ଥିତିରେ ପୁଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଯାହାକୁ ନେଇ ଏହି ଘଟଣାରେ ଏକ ମାମଲା ରୁଜୁ ହୋଇଛି ଏବଂ ୩ ଜଣ ମାଫିଆଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ସେମାନେ ଫେରାର ହୋଇଯାଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧କୋଟି ୮୦ ଲକ୍ଷ ଟଙ୍କା ହେବ ବୋଲି ଏସଡିପିଓ ରାକେଶ କୁମାର ସାହୁ ସୂଚନା ଦେଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-02/04/2026
୭,୦୮,୭୭୧/- ଟଙ୍କା
ସୁନା:-୦୧ଗ୍ରାମ୍୭୦୦ ମିଲିଗ୍ରାମ
ରୂପା:-୪୬ଗ୍ରାମ୍୩୦୦ ମିଲିଗ୍ରାମ

## ପଶ୍ଚିମବଙ୍ଗ ପ୍ରଚାର ମଇଦାନରେ ଓଡ଼ିଶା ମୁଖ୍ୟମନ୍ତ୍ରୀ

# 'ଓଡ଼ିଶାରେ ଜିତିଛି ପଶ୍ଚିମବଙ୍ଗରେ ବି ଜିତିବ'

**ବୀରଭୂମ (ପଶ୍ଚିମବଙ୍ଗ), ୦୨/୦୪**

ପାଖେଇ ଆସୁଛି ନିର୍ବାଚନ । ନେତାଙ୍କ ପ୍ରଚାରରେ କମ୍ପୁଛି ମଇଦାନ। ବିଧାନସଭା ନିର୍ବାଚନକୁ ହାତରେ ମାତ୍ର ଆଉ କେଇଟା ଦିନ ଥିବାରୁ ପଶ୍ଚିମବଙ୍ଗରେ ଦେଖିବାକୁ ମିଳିଛି ଜୋରଦାର ପ୍ରଚାର । ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗର ବିରଭୂମ ଗସ୍ତ କରି ନାମାଙ୍କନରେ ସାମିଲ ହୋଇଥିଲେ । ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ ପଦ୍ମ ଫୁଟିବା ନେଇ ଦୃଢୋକ୍ତି ବାଢ଼ିଥିଲେ ।

ଆସନ୍ତା ଏପ୍ରିଲ ୨୩ ଓ ଏପ୍ରିଲ ୨୯ରେ ଦୁଇଟି ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ମତଦାନ ହେବାକୁ ଯାଉଛି । ନାମାଙ୍କନ ପକ୍ରିୟା ଜାରି ରହିଥିବା ବେଳେ ପ୍ରଚାରରେ କମ୍ପୁଛି ପଶ୍ଚିମଙ୍ଗ । ଗୁରୁବାର ବୀରଭୂମର ରାମପୁରହାଟ ୪ ବିଜେପି ପ୍ରାର୍ଥୀ



ନାମାଙ୍କନ ଦାଖଲ କରିଛନ୍ତି । ଏଥିରେ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କିଛି ସମୟ ରାମପୁରହାଟ ବିଜେପି କାର୍ଯ୍ୟାଳୟରେ କର୍ମୀଙ୍କ ସମୟ ଅତିବାହିତ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ସହ ଆଲୋଚନା ବେଳେ କହିଥିଲେ, 'କଳିଙ୍ଗରେ ବଦଳିଛି, ବଙ୍ଗରେ ବି ବଦଳିବ । ଡବଲ ଇଞ୍ଜିନ ସରକାର ଆସିବ ।' ନାମାଙ୍କନ ଦାଖଲରେ ମୁଖ୍ୟମନ୍ତ୍ରୀ ସାମିଲ ହେବା ସହ ବିଜେପିର ବିଜୟ ନେଇ ଦୃଢୋକ୍ତି ବାଢ଼ିଥିଲେ । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, 'ଏଥର ପଶ୍ଚିମବଙ୍ଗରେ ସରକାର ପରିବର୍ତ୍ତନ ହେବ । କାରଣ ଲୋକେ ଦୁର୍ନୀତି ବିରୋଧରେ ସାମ୍ନାକୁ ଆସୁଛି । ଯେଉଁପରି ଭାବେ ପୂରା ଦେଶରେ ମୋଦି ମ୍ୟାଜିକ୍ ଜାରି ରହିଛି । ସେହିପରି ଭାବେ ପଶ୍ଚିମବଙ୍ଗ ମଧ୍ୟ ଦୁର୍ନୀତିମୁକ୍ତ ହେବ । 'ଅଙ୍ଗ ବଦଳିଛି, କଳିଙ୍ଗ (ଓଡ଼ିଶା)ରେ ବି ବଦଳିଛି, ଏହିପରି ଭାବେ ବଙ୍ଗଳାରେ ବି ସରକାର ବଦଳିବ ।'

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, 'ପୂର୍ବରୁ ମଧ୍ୟ ମେଦିନିପୁର ପ୍ରଚାର ପାଇଁ ଆସିଥିଲି । ଏଥର ବୀରଭୂମ ଆସିଛି । ଏଥର ପଦ୍ମ ଫୁଟିବ । ପଶ୍ଚିମବଙ୍ଗରେ ବିଜେପି ସରକାର ଆସିବ ।' ଏସଆଇଆର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ସାମ୍ବିଧାନିକ ବ୍ୟବସ୍ଥାରେ କାହାର ନାଁ ଭୋଟର ତାଲିକା ରହିବ କାହାର ନାହିଁ ତାହା ନିର୍ଣ୍ଣୟ କରିବାକୁ ଏସଆଇଆର କରାଯାଉଛି । ଏହା ବିହାର, ଉତ୍ତରପ୍ରଦେଶ ଓ ଓଡ଼ିଶାରେ କରାଯାଉଛି । ଆମ ଦେଶର ନାଗରିକ ନାମ ଭୋଟର ତାଲିକା ରହିବ, ଅନୁପ୍ରବେଶକାରୀଙ୍କ ନାଁ ତାଲିକାରେ କାହିଁକି ରହିବେ। ସାଧାରଣ ଲୋକେ ଦୁର୍ନୀତି ବିରୋଧରେ ଭୋଟ ଦେଲେ ପଶ୍ଚିମବଙ୍ଗରେ ବିକାଶ ହେବ ।

# ସରିଲା ମାଟ୍ରିକ୍ ଖାତା ଦେଖା: ମେ' ପ୍ରଥମ ସପ୍ତାହରେ ରେଜଲ୍ଟ

**କଟକ ୦୨/୦୪ ନ୍ୟୁଜ ବ୍ୟୁରୋ**

ନିର୍ଭୁଲ ଏବଂ ବିନା ଦ୍ୱନ୍ଦ୍ୱରେ ମାଟ୍ରିକ୍ ଖାତା ଦେଖା ଶେଷ ହେଇଛି । ଏହା ପରେ ମାଟ୍ରିକ୍ ରେଜଲ୍ଟ ପ୍ରକାଶ ପାଇଁ ଦ୍ୱିତୀୟ ପ୍ରକ୍ରିୟା ଆରମ୍ଭ ହେବ । ଏଥର ମେ' ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ରେଜଲ୍ଟ ପ୍ରକାଶ ପାଇଁ ଲକ୍ଷ୍ୟ ରହିଛି। ମାଟ୍ରିକ୍ ରେଜଲ୍ଟ ଟାବୁଲେସନ୍ ପାଇଁ ଏକ ମାସ ଲକ୍ଷ୍ୟ ରହିଛି । ସେହିପରି ମାଟ୍ରିକ୍ ଫଳ ପ୍ରକାଶ ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ ଅନ୍ଲାଇନରେ ମାଟ୍ରିକ୍ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏଥି ସହିତ ପେପର ଖରାପ ଥିଲେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇ ପାରିବେ। ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ମାର୍ଚ୍ଚ ୧୯ରୁ ଏହି ମୂଲ୍ୟାୟନ ପ୍ରକ୍ରିୟା ରାଜ୍ୟର ୩୦ଟି ଯାକ ଜିଲ୍ଲାର ୫୦ଟି ମୂଲ୍ୟାୟନ କେନ୍ଦ୍ରରେ ଚାଲିଆସୁଛି । ମାଟ୍ରିକ୍ ସହ ଆରମ୍ଭ ହୋଇଥିବା ଏସ୍‌ଓଏସି ଓ ମଧ୍ୟମା ଖାତା ଦେଖା ଇତି ମଧ୍ୟରେ ଶେଷ ହୋଇସାରିଥିବାର ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି । ଅନ୍ୟପକ୍ଷରେ ମାଟ୍ରିକ୍ ଖାତା ଦେଖା ଶେଷ ହୋଇଥିବା ଦୁଇଟି ଜିଲ୍ଲାରୁ ଉତ୍ତରଖାତା ବୁଧବାର ପହଞ୍ଚିଥିବାର ସୂଚନା ମିଳିଛି । ମାଟ୍ରିକ୍ ସବଜେକ୍ଟିଭ୍ ପ୍ରଶ୍ନର ଉତ୍ତରଖାତା ମୂଲ୍ୟାୟନ ଲାଗି ରାଜ୍ୟରେ ୧୩ ହଜାରରୁ ଅଧିକ ଶିକ୍ଷକ ନିୟୋଜିତ ଅଛନ୍ତି। ସୂଚନାଯୋଗ୍ୟ, ମାଟ୍ରିକ୍, ଏସ୍‌ଓଏସ୍ସି ଓ ମଧ୍ୟମା ପରୀକ୍ଷା ମିଶି ଚଳିତ ବର୍ଷ ଚଳିତ ରାଜ୍ୟରେ ୫ ଲକ୍ଷ ୪୦ ହଜାରରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୧୦୦ ନମ୍ବର ବିଶିଷ୍ଟ ପରୀକ୍ଷାରୁ ୫୦ ନମ୍ବର ବିଶିଷ୍ଟ ଅବଜେକ୍ଟିଭ୍ ପ୍ରଶ୍ନର ଉତ୍ତର ଓଏମ୍‌ଆର ସିଟରେ ଥିବାରୁ ତାହା ମୂଲ୍ୟାୟନ ଶେଷ ହୋଇସାରିଛି। ସବଜେକ୍ଟିଭ୍ ଉତ୍ତର ଖାତାଗୁଡ଼ିକର ମୂଲ୍ୟାୟନ ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇଥିଲା। ମୂଲ୍ୟାୟନ ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ପ୍ରତିଦିନ ଶିକ୍ଷକମାନେ ଖାତା ଦେଖିସାରିବା ପରେ ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ରେ ପରୀକ୍ଷାର୍ଥୀଙ୍କ ମାର୍କ ଅପଲୋଡ୍ ହୋଇଛି। ମାଟ୍ରିକ୍ ପରୀକ୍ଷା ଫଳ ମେ' ପ୍ରଥମ କିମ୍ବା ସପ୍ତାହ ସୁଦ୍ଧା ପ୍ରକାଶ ପାଇଁ ବୋର୍ଡ ସମୟ ଧାର୍ଯ୍ୟ କରିଛି ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ପାଠପଢ଼ା ଛାଡ଼ିଲେ ୧୫ ହଜାର: ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଡ୍ରପ୍‌ଆଉଟ୍



**ଭୁବନେଶ୍ୱର, ୨/୪ ନ୍ୟୁଜ ବ୍ୟୁରୋ**

ଉଚ୍ଚ ଶିକ୍ଷାଠାରୁ ଦୂରେଇ ଯାଉଛନ୍ତି ଛାତ୍ରଛାତ୍ରୀ। ଦଶମ, ଏକାଦଶ, ଦ୍ୱାଦଶ (ଯୁକ୍ତ୨) ଶ୍ରେଣୀ ପାଠ୍ୟକ୍ରମରେ ନାମ ଲେଖାଉଛନ୍ତି । ହେଲେ ଶେଷ କରୁନାହାନ୍ତି। କେଉଁଠି ଫର୍ମ ପୂରଣ କରି ଛାତ୍ରଛାତ୍ରୀ ପରୀକ୍ଷା ଦେଉ ନାହାନ୍ତି ତ ଆଉ କେଉଁଠି ପାଠପଢ଼ା ଛାଡ଼ି ଚାକିରି ପଛରେ ଧାଉଁଛନ୍ତି। ଯାହାର ସଦ୍ୟତମ ଉଦାହରଣ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାରୁ ଜଣାପଡ଼ିଛି। ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ ମଧ୍ୟ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୧୪ ହଜାର ୯୬୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। କେଉଁ କାରଣ ପାଇଁ ଏତେ ସଂଖ୍ୟକ ପିଲା ପରୀକ୍ଷା ଦେଇନାହାନ୍ତି ତାହା ଜଣା ପଡ଼ି ନଥିଲେ ମଧ୍ୟ ଶିକ୍ଷାବିତ୍‌ମାନେ ଡ୍ରପ୍‌ଆଉଟ୍ ଆଶଙ୍କା ପ୍ରକାଶ କରିଛନ୍ତି।

ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ୫ ଲକ୍ଷ ୪୬ ହଜାର ୮୭୬ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୫ ଲକ୍ଷ ୩୬ ହଜାର ୯୪୬ ପିଲା ପରୀକ୍ଷା ଦେଇଛନ୍ତି। ଆହୁରି ୯,୯୩୦ ଜଣ ତଥା ୧.୮୧% ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ଓଡ଼ିଶା ବୋର୍ଡରେ ପ୍ରଥମ ଥର ଏମିତି ହୋଇନାହିଁ। ଗତ ଏକ ଦଶନ୍ଧି ହେଲା ଓଡ଼ିଶାରେ ଦଶମ ଶ୍ରେଣୀ ପରେ ଡ୍ରପ୍-ଆଉଟ୍ ବଢୁଥିବା ନେଇ ବିଭିନ୍ନ ସଂସ୍ଥା ନିଜ ନିଜ ରିପୋର୍ଟରେ ଦର୍ଶାଇଛନ୍ତି। ୨୦୨୧-୨୨ ଶିକ୍ଷାବର୍ଷର ୟୁଡାଇଜ୍+ ତଥ୍ୟରେ ଓଡ଼ିଶାରେ ଉଚ୍ଚ ପ୍ରାଥମିକ ସ୍ତରରେ ଛାତ୍ରଛାତ୍ରୀଙ୍କ ଡ୍ରପ୍‌ଆଉଟ୍ ୭.୩% ଓ ମାଧ୍ୟମିକ ସ୍ତରରେ ୨୭.୩% ରହିଥିଲା। ହାଇସ୍କୁଲ ଶିକ୍ଷା ପରେ ରାଜ୍ୟର ୨୪% ଛାତ୍ରଛାତ୍ରୀ ପାଠ ଛାଡୁଥିବା ଉଲ୍ଲେଖ କରାଯାଇଥିଲା।

ଯୁକ୍ତ ୨ ଶିକ୍ଷା ଗ୍ରହଣ ପରେ ପିଲାମାନେ ଆଉ ଉଚ୍ଚଶିକ୍ଷା ଆଡ଼କୁ ମୁହାଁଉ ନାହାନ୍ତି। ସେମାନେ ବିଭିନ୍ନ ପ୍ରକାର ସଂକ୍ଷିପ୍ତ ପନ୍ଥା ଆପଣାଇବା ସହ ଚାକିରି ପଛରେ ଧାଉଁଛନ୍ତି ଏବଂ ପାଠପଢ଼ା ପ୍ରଭାବିତ ହେଉଛି। ଏମିତିକି କିଛି ଛାତ୍ରଛାତ୍ରୀ ପାଠପଢ଼ା ସମୟରେ ଚାକିରି ପାଇ ଯାଉଥିବାରୁ ପାଠପଢ଼ା ଅଧାରୁ ବନ୍ଦ କରିଦେଉଛନ୍ତି। ଏବେ ଶେଷ ହୋଇଥିବା ଯୁକ୍ତ ୨ ପରୀକ୍ଷା ଦେବାକୁ ୪ ଲକ୍ଷ ୧ ହଜାର ୬୨୩ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। ଆହୁରି ୫ ହଜାର ୩୧ ଜଣ ଅନୁପସ୍ଥିତ ରହିଛନ୍ତି। କଳା ବିଭାଗରେ ପଞ୍ଜୀକରଣ କରିଥିବା ୨ ଲକ୍ଷ ୫୬ ହଜାର ୭୦୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ୩,୧୫୭ ଜଣ ପରୀକ୍ଷା ଦେଇ ନାହାନ୍ତି। ବିଜ୍ଞାନରେ ୯୨୪, ବାଣିଜ୍ୟରେ ୫୪୯, ଧନ୍ଦାମୂଳକ ବିଭାଗରେ ୪୦୧ ଜଣ ଅନୁପସ୍ଥିତ ରହିଥିବା ପରିଷଦ ପକ୍ଷରୁ କୁହାଯାଇଛି। ଉପାନ୍ତ ଅଞ୍ଚଳର ଅଧିକାଂଶ ଛାତ୍ରଛାତ୍ରୀ ଫର୍ମ ପୂରଣ କରି ମଧ୍ୟ ପରୀକ୍ଷା ଦେବାକୁ ଆସି ନ ଥିବା ଜଣାପଡ଼ିଛି।

ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ କହିବାନୁଯାୟୀ, ଦଶମ ପରେ ପାଠପଢ଼ା ଛାଡ଼ିବାରେ ପାରିବାରିକ ଓ ଆର୍ଥିକ ସମସ୍ୟା ପ୍ରମୁଖ କାରଣ। ପ୍ରତିବର୍ଷ ମାଟ୍ରିକ୍ ପରେ ଏଭଳି ସମସ୍ୟା ସାମନାକୁ ଆସିଥାଏ। ତେବେ ଫର୍ମପୂରଣ ପରେ ମଧ୍ୟ ପରୀକ୍ଷା ନ ଦେବାର କାରଣ ଖୋଜିବାକୁ ପଡ଼ିବ। ପିଲାମାନେ କାହିଁକି ପରୀକ୍ଷା ଦେଲେନି ଗଣଶିକ୍ଷା ବିଭାଗ ଅନୁଧ୍ୟାନ କରିବା ସହ ରୋକିବା ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଯେଉଁମାନେ ପରୀକ୍ଷା ଦେଇନାହାନ୍ତି ସେମାନେ କିଭଳି ପରୀକ୍ଷା ଦେଇପାରିବେ ସେ ନେଇ ବ୍ୟବସ୍ଥା ହେଉ। ଉତ୍କଳ ଅଭିଭାବକ ସଂଘ ସଭାପତି କୃଷ୍ଣଚନ୍ଦ୍ର ପତି କହିଛନ୍ତି ଯେ ପ୍ରତିବର୍ଷ ୧୦ ହଜାରରୁ ଅଧିକ ପିଲା ମାଟ୍ରିକ୍ ପରୀକ୍ଷା ଦେଉନାହାନ୍ତି। ନିୟମିତ ଘଟଣା ହୋଇଥିଲେ ମଧ୍ୟ ନିରାକରଣ ଦିଗରେ ରାଜ୍ୟ ସରକାର ଆନ୍ତରିକତା ଦେଖାଇ ନାହାନ୍ତି। ପ୍ରତି ଜିଲ୍ଲାରୁ ହାରାହାରି ୩୦୦ରୁ ୪୦୦ ପିଲା ପରୀକ୍ଷା ଦେବାରୁ ବାଦ୍ ପଡ଼ିବା ଆଦୌ ଶୁଭ ଲକ୍ଷଣ ନୁହେଁ। ଏହାଦ୍ୱାରା ସେମାନେ ପାଠପଢ଼ା ଅଧାରୁ ଛାଡ଼ିବାର ଆଶଙ୍କା ପ୍ରକାଶ ପାଉଛି। ତେଣୁ ତୁରନ୍ତ ସେମାନଙ୍କୁ ଚିହ୍ନଟ ସହ ବିକଳ୍ପ ବ୍ୟବସ୍ଥା ଆପଣାଯାଉ।

# ସକାଳୁଆ ସ୍କୁଲ ପାଇଁ ସରକାରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୦୨/୦୪ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସକାଳୁଆ ସ୍କୁଲ ପାଇଁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ପିଲାମାନେ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ସ୍କୁଲରେ ପାଠପଢ଼ିବେ। ଖରା ଏବଂ ଗ୍ରୀଷ୍ମପ୍ରବାହ ପାଇଁ ରାଜ୍ୟ ସରକାର ଏହିଭଳି ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଗ୍ରୀଷ୍ମପ୍ରବାହ ଛୁଟି ପର୍ଯ୍ୟନ୍ତ ସକାଳୁଆ ପାଠପଢ଼ା ହେବ। ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ନିର୍ଦ୍ଦେଶ ଜାରି ହୋଇଛି। ଗଣଶିକ୍ଷା ସଚିବ ଏନ୍ ତିରୁମାଳା ନାଏକ ଏହି ସୂଚନା ଦେଇଛନ୍ତି। ତେବେ ବିଦ୍ୟାଳୟରେ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି।

ଗତକାଲି 'ସମ୍ବାଦ କଳିକା'ର ପୃଷ୍ଠା-୮ରେ ପାରଦ୍ୱୀପକୁ ପୁଣି ପୂର୍ବ ଭାରତର...ଶିରୋନାମାରେ ପ୍ରକାଶିତ ସମ୍ବାଦରେ ଭୁଲବଶତଃ କିଟ୍‌ର ଫଟୋ ବସିଯାଇଥିବାରୁ ଆମେ ଦୁଃଖିତ। ଏହି ଅଭାବନୀୟ ତ୍ରୁଟିପାଇଁ ଆମେ ଦୁଃଖ ପ୍ରକାଶ କରୁଛୁ।

ବାର୍ତ୍ତା ସମ୍ପାଦକ